**ସଂକ୍ଷେପରେ**

## ନୂତନ ଭୋଟର ତାଲିକାରେ ତ୍ରୁଟି: ସଂଶୋଧନ ଦାବି

**ଆଳି,୨୧।୧(ଡି.ଏନ୍.ଏ.):** ସୋମବାର ନୂତନ ଭୋଟର ତାଲିକା ପ୍ରକାଶ ପାଇଛି। ଆଳି ବ୍ଲକ ଅଞ୍ଚଳରେ ପ୍ରକାଶିତ ତାଲିକାରେ ତ୍ରୁଟି ରହିଥିବା ବେଳେ ବହୁ ଆବେଦନକାରୀଙ୍କ ନାମ ତାଲିକାରେ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତାଲିକା ସଂଶୋଧନ ଦାବିରେ ଅପରାହ୍ନରେ ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ ଓ କେତେଜଣ ନୂତନ ଭୋଟର ଆଳି ଜିପିଓ ଅଫିସରେ ତାଲା ପକାଇ ଦେଇଥିଲେ। ଆଳି ବ୍ଲକର ୩୪ ପଞ୍ଚାୟତରୁ ୬ ନଂ. ଫର୍ମରେ ୪୯୯୭ ଜଣ ଆବେଦନ କରିଥିବା ବେଳେ ଡେମୋଗ୍ରାଫିରେ ୫ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କର ଆବେଦନ କରାଯାଇଥିଲା। ମାତ୍ର ସୋମବାର ପ୍ରକାଶ ପାଇଥିବା ତାଲିକାରେ ୬ ନଂ. ଫର୍ମରେ ଆବେଦନ କରିଥିବା ଭୋଟରଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କ ନାମ ଥିବା ବେଳେ ଡେମୋଗ୍ରାଫିରେ ଆବେଦନ କରିଥିବା ଭୋଟରଙ୍କ ମଧ୍ୟରୁ ଜଣେଙ୍କର ବି ନାମ ନଥିବା ଅଧକ୍ଷା ଦାଶ ପ୍ରକାଶ କରିଛନ୍ତି। ଏହି ନୂତନ ଭୋଟର ତାଲିକାକୁ ସଂଶୋଧନ କରିବା ଦାବିରେ ଜିପିଓ ଅଫିସରେ ତାଲା ପକାଇଥିଲେ।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଡେରାବିଶ, ୨୧।୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅର୍ଡାମୂଳ, ଖାନନଗର ଓ ପାଣିଓଲା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅର୍ଡାମୂଳ ଗ୍ରାମରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିନ ଜଳାଧିବାସ ତଥା କଳସଯାତ୍ରା, ସନ୍ଧ୍ୟାରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରବଚନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞାନୁଷ୍ଠାନରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ଓ ସମବାୟବିତ୍ ପ୍ରମୋଦ ସାହୁ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ପ୍ରାଧାପକ ଅଜୟ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ବିରିଷ୍ଠ ଭାଜପା ନେତା ଇଂ. ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀରାମଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ରଘୁନାଥଜୀଉ ସାଂସ୍କୃତିକ ପରିଷଦର ଅଜୟ ନାୟକ, ସୁରେନ୍ଦ୍ର ସ୍ୱାଇଁ, ନରେନ୍ଦ୍ର ସ୍ୱାଇଁ, ଅନଙ୍ଗ ସ୍ୱାଇଁ, ଯୁଗଳ ପ୍ରଧାନ, ସୁଖଦାନନ୍ଦ ପ୍ରଧାନ, ଶ୍ରୀକାନ୍ତ ବେହେରା, ପ୍ରିୟତୋଷ ପରିଡ଼ା, ଅଭୟ କୁମାର ନାୟକ, ଅକ୍ଷୟ କୁମାର ପ୍ରଧାନ, ପ୍ରଭାକର ନାୟକ, ଯଯାତି କେଶରୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ଯୋଜନା ସମ୍ପର୍କିତ ସଚେତନତା

**ଡେରାବିଶ, ୨୧।୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକର ବିଭିନ୍ନ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ବହୁ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କୁରୁଜଙ୍ଗାଠାରେ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନଙ୍କ ଅଧକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ପ୍ରତିନିଧି ଦେବାଶିଷ ଆଚାର୍ଯ୍ୟ, ବ୍ଲକ କନିଷ୍ଠଯନ୍ତ୍ରୀ ଅବନୀ ମହାନ୍ତି, ସ୍ୱାସ୍ଥ୍ୟ ବିଭାଗ କ୍ଷେତ୍ର ଅଧିକାରୀ ବନମାଳୀ ସାମଲ, ମହିଳା ଶିଶୁ ବିକାଶ ପରିଦର୍ଶିକା ବାସନ୍ତୀ ବେହେରା, ସମିତିସଭ୍ୟ ଫୁଲମଣି ସିଂ, ପଞ୍ଚାୟତ ବିଜେଡି ସଭାପତି ସତ୍ୟରଞ୍ଜନ ସାମଲ, ସମ୍ପାଦକ ସୁବାସ ଚନ୍ଦ୍ର ନାୟକ, ନାଏବ ସରପଞ୍ଚ ଅଶ୍ରୁଝରା ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସେହିପରି ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ସରପଞ୍ଚ କବିତା ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ମହିଳା ଶିଶୁ ବିକାଶ ଅଧିକାରୀ ସରସ୍ୱତୀ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ସମ୍ପ୍ରସାରଣ ଅଧିକାରୀ ଯୋଗଦେଇଥିଲେ। ନରସିଂହପୁର ସରପଞ୍ଚ କମଳାପ୍ରଭା ଖଟୁଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ଓ ବିଧାୟକଙ୍କ ପ୍ରତିନିଧି ଦେବାଶିଷ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

### ■ ପୂର୍ବ ଶତ୍ରୁତାରୁ କଣ୍ଡିରା ଗାଁରେ ଗୁଳିକାଣ୍ଡ, ଜଣେ ମୃତ

# ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ

- ୨ ସ୍ଥାନରେ ଉତ୍ୟକ୍ତ ଲୋକଙ୍କ ଧାରଣା
- ଗ୍ରାମରେ ୪ ରାଉଣ୍ଡ ଗୁଳିଚାଳନା
- ଜଣେ ଅଭିଯୁକ୍ତ ଗିରଫ, ଅନ୍ୟମାନେ ଫେରାର

**ରାଜନଗର, ୨୧।୧ (ଡି.ଏନ୍.ଏ.)**

ରାଜନଗର ଥାନା କଣ୍ଡିରା ପଞ୍ଚାୟତ ଅନ୍ତର୍ଗତ କଣ୍ଡିଆ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଗୁଳିକାଣ୍ଡ ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର କାଳନ୍ଦି ସେଠୀଙ୍କ ପୁଅ କିଶୋର ସେଠୀ(୩୫)। କେତେଜଣ ଦୁର୍ବୃତ୍ତ ଗ୍ରାମରେ ପଶି ୪ ରାଉଣ୍ଡ ଗୁଳି ଫୁଟାଇବା ସହ ମାରଣାସ୍ତ୍ର ସାହାଯ୍ୟରେ ଆତଙ୍କ ସୃଷ୍ଟି କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ସିପୁନ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ଅପରପକ୍ଷେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ୨ଟି ସ୍ଥାନରେ ରାସ୍ତାରୋକୋ କରିଥିଲେ। ପରେ ପ୍ରଶାସନର ହସ୍ତକ୍ଷେପ ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ସକାଳ ୬ଟାରେ ୩ ଜଣ ଦୁର୍ବୃତ୍ତ ଏକ କାର ଓ କୁରୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ପଶ୍ଚିମାଭେଡା ଗ୍ରାମର ସିପୁନ ଏକ ବାଇକରେ କଣ୍ଡିଆ ଗ୍ରାମରେ ପହଞ୍ଚିଥିଲେ। ସିପୁନ ହାତରେ ୨ଟି ବନ୍ଧୁକ ଧରି ଗ୍ରାମର ହେମନ୍ତ ସେଠୀଙ୍କ ଘରକୁ ଯାଇଥିଲେ। ସେ ହେମନ୍ତଙ୍କୁ ଧରିବାକୁ ଉଦ୍ୟମ କଲାବେଳେ ତଳେ ପଡିଯାଇଥିଲେ। ଏହି ସମୟରେ ହେମନ୍ତଙ୍କ ଦାଦା ରବୀନ୍ଦ୍ର ତାଙ୍କୁ କାବୁ କରି ଏକ ଗଛରେ ବାନ୍ଧି ଦେଇଥିଲେ। ଏହା ଦେଖି ଅନ୍ୟ ଦୁର୍ବୃତ୍ତମାନେ ସେଠାରେ ଗାଡି ଛାଡି ଦୌଡି ପଳାଇଥିଲେ। ପରେ ଗ୍ରାମବାସୀ ସେଠାରେ ପହଞ୍ଚି ସିପୁନଙ୍କୁ ପଚରାଉଚୁରା କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଣ୍ଡିରା ଗ୍ରାମର ଅକ୍ଷୟ ମହାନ୍ତିଙ୍କ ପୁଅ ସାଲୁଆ ହେମନ୍ତଙ୍କୁ ମାରିବା ପାଇଁ ତାଙ୍କୁ ପଠାଇଛନ୍ତି ବୋଲି ସିପୁନ କହିଥିଲେ। ପ୍ରାୟ ୨ ଘଣ୍ଟାପରେ ଗୋଟିଏ ବାଇକ୍‌ରେ ୪ଜଣ ଯୁବକ ମାରଣାସ୍ତ୍ର ଧରି ଗ୍ରାମରେ ପହଞ୍ଚି ସିପୁନଙ୍କୁ ଛାଡିବା ପାଇଁ କହିଥିଲେ। ଏଥିସହ ସେମାନେ ଗ୍ରାମବାସୀଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ୪ ରାଉଣ୍ଡ ଗୁଳିଚାଳନା କରିଥିଲେ। ଗୋଟିଏ ଗୁଳି କିଶୋରଙ୍କ ଛାତିରେ ବାଜିଥିଲା। ଏହାପରେ ଯୁବକମାନେ ସେଠାରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ଗୁରୁତର ଅବସ୍ଥାରେ କିଶୋରଙ୍କୁ ନେଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଗଛରେ ବନ୍ଧାହୋଇଥିବା ସିପୁନଙ୍କୁ ଗିରଫ କରିଥିଲେ। ଏଥିସହ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା (ନଂ ୧୧/୧୯) ରୁଜୁ କରାଯାଇଛି। ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣା ସ୍ଥଳରେ ତଦନ୍ତ କରାଯାଇଛି। ଦୁର୍ବୃତ୍ତ ବ୍ୟବହାର କରିଥିବା ଗାଡି, ଚଦର, ଗୋଟିଏ ରୁମାଲକୁ ଜବତ କରାଯାଇଛି। ଏହି ଘଟଣା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବି କରି ରାଜନଗର ଭିତରକନିକା ମୁଖ୍ୟରାସ୍ତାର କଣ୍ଡିରା ଛକ ନିକଟରେ ରାସ୍ତାରୋକୋ କରିଥିବା ବେଳେ ଅନ୍ୟ କିଛି ଉତ୍ତ୍ୟକ୍ତ ଲୋକେ ରାଜନଗରସ୍ଥିତ ହସୁଂଆ ପୋଲରେ ମୃତଦେହ ରଖି ୫ ଘଣ୍ଟାକାଳ ରାସ୍ତାରୋକୋ କରିଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ରାଜକନିକା ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ, ରାଜନଗର ବିଡିଓ ମନ୍ଦରଧର ମହାଲିକ ଓ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦିଆଯିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ,କଣ୍ଡିରା ଗାଁର ରବୀନ୍ଦ୍ର ସେଠୀଙ୍କୁ ୨ ମାସ ତଳେ ଉକ୍ତ ଗାଁର ଅକ୍ଷୟ ମହାନ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାଡ଼ ମାରିଥିଲେ। ଏନେଇ ରବୀନ୍ଦ୍ର ସେତେବେଳେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମରେ ଆପୋସ ବୁଝାମଣା ହେବା ପରେ ଅକ୍ଷୟଙ୍କ ନିକଟରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରି ମାମଲା ଉଠାଇ ନିଆଯାଇଥିଲା। ଏହି ଘଟଣା ପରେ ସେମାନଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ଯୋଜନା କରାଯାଇଛି ବୋଲି ରବୀନ୍ଦ୍ର ଓ ହେମନ୍ତ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।


ରାଜନଗର-ଭିତରକନିକା ମୁଖ୍ୟରାସ୍ତାର କଣ୍ଡିରା ଛକ ନିକଟରେ ଟାୟାର ଜାଳି ରସ୍ତାରୋକୋ।

## ୨ ସ୍ଥାନରେ ସଡ଼କ ଦୁର୍ଘଟଣା: ୨ ବୃଦ୍ଧ ମୃତ

**ରାଜନଗର, ୨୧।୧(ଡି.ଏନ୍.ଏ.)**

ରାଜନଗର-ଗୁପ୍ତି ମୁଖ୍ୟରାସ୍ତାର ରାଜନଗର ତାରିଣୀ ମନ୍ଦିର ନିକଟରେ ଟ୍ରକ ଧକ୍କାରେ ସୋମବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ରାଜନଗର ଥାନା ଅନ୍ତର୍ଗତ ଶିରିଗଡ ଗାଁର ମହେଶ୍ୱର ରାଉତ (୬୦)। ସେ ହଡିନା ଗାଁର ଅଟଳ ବିହାରୀ ରାଉତଙ୍କ ସହ ଏକ ମୋଟରସାଇକେଲରେ ରାଜନଗର ଆସିଥିଲେ। ରାଜନଗରରେ କାମ ସାରି ଗାଁକୁ ଫେରୁଥିଲେ। ରାଜନଗର ହଂସୁଆ ସେତୁ ନିକଟରେ ରାସ୍ତାରୋକ ଯୋଗୁ ରାସ୍ତାଜାମ ଥିଲା। ରାସ୍ତାରୋକ ପ୍ରତ୍ୟାହୃତ ହେବାପରେ ତାରିଣୀମନ୍ଦିର ନିକଟରେ ଏକ ଟ୍ରକ ସେମାନଙ୍କ ମୋଟର ସାଇକେଲକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମହେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଅଟଳଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଟ୍ରକ ଓ ବାଇକକୁ ଜବତ କରିଛି। ସେହିପରି ରାଜନଗର-ତାଳଚୁଆ ରାସ୍ତାର ହାତିଆଗଡି ନିକଟରେ ବାଇକ ଧକ୍କାରେ ରବିବାର ସନ୍ଧ୍ୟାରେ ହାତିଆଗଡି ଗାଁର ମେଘୁ ଦାସ (୭୦ବର୍ଷ)ଙ୍କ ମୃତ୍ୟୁ ଘଟିଛି। ମେଘୁ ସନ୍ଧ୍ୟାରେ ନିଜ ଜମି ପାଖକୁ ଯାଉଥିଲେ। ଏହି ସମୟରେ ରାଜଗଡ ଗାଁର ଜଣେ ମୋଟରସାଇକେଲ ଆରୋହୀ ତାଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିଲା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି।

### ■ କଇଁଛ ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା

## ୨ ଯୁବକଙ୍କ ୧୨୦୦ କି.ମି. ସାଇକେଲ ଯାତ୍ରା


କଇଁଛ ମାସ୍କଟ ସହ ସୋମ୍ୟରଞ୍ଜନ, ଦିଲୀପ ଓ ଅନ୍ୟମାନେ।

**ମହାକାଳପଡା,୨୧।୧(ଡି.ଏନ୍.ଏ.)**

ବିରଳ ଅଲିଭ୍ ରିଡ଼ଲେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ବ୍ରହ୍ମପୁରରୁ ସୋମ୍ୟରଞ୍ଜନ ବିଶ୍ୱାଳ ଓ ଦିଲୀପ ବିଶ୍ୱାଳ ସଚେତନତା ବାର୍ତ୍ତା ବହନ କରି ଚଳିତ ମାସ ପ୍ରଥମ ସପ୍ତାହରୁ ଆନ୍ଧ୍ର ପ୍ରଦେଶରୁ ୧୨୦୦ କିଲୋମିଟର ସାଇକଲ ଯାତ୍ରା ଆରମ୍ଭ କରିଛନ୍ତି। ଫେବୃୟାରୀ ୧୯ରେ ଭୁବନେଶ୍ୱରରେ ଏହି ଯାତ୍ରା ଶେଷ କରିବାକୁ ସେମାନେ ଯୋଜନା ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନରେ ସେମାନେ ଚଣ୍ଡିଖୋଲ-ପାରଦୀପ ଜାତୀୟ ରାଜପଥ(କ) ନିକଟ ମହାକାଳପଡା ବ୍ଲକ ଅନ୍ତର୍ଗତ ନୀଳାଞ୍ଚଳ ବଜାରରେ ପହଞ୍ଚିଛନ୍ତି। ମହାକାଳପଡା ବନବିଭାଗ ଏସିଏଫ୍ ବିଜୟ କୁମାର ପରିଡା ସେଠାରେ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ ବଉଳକଣୀସ୍ଥିତ ପ୍ରେମଚାନ୍ଦ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ସୋମ୍ୟରଞ୍ଜନ ଓ ଦିଲୀପଙ୍କୁ ସମ୍ବର୍ଦ୍ଧିତ କରି ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ବିଦ୍ୟାପୀଠ ପରିସରରେ ଏକ ସଭା ଆୟୋଜନ କରାଯାଇ ଥିଲା। ଏଥିରେ ପ୍ରଧାନ ଶିକ୍ଷକ ସୁଶୀଳ କୁମାର ନାଥ ଶର୍ମା ଅଧକ୍ଷତା କରିଥିଲେ। ବତୀଘର ଫରେଷ୍ଟର ପଦ୍ମନାଭ ରାଉତ ଏଥିରେ ଯୋଗଦେଇ କଇଁଛ ସୁରକ୍ଷା ସଚେତନତା ବାର୍ତ୍ତା ପାଇଁ ପରିଭ୍ରମଣ କରୁଥିବାରୁ ଉଭୟ ଯୁବକଙ୍କୁ ପ୍ରଶଂସା କରିଥିଲେ। ପରେ କଇଁଛର ଏକ ମାସ୍କଟ ପ୍ରଦର୍ଶିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ସମରେନ୍ଦ୍ର ମାହାଳି, କ୍ରୀଡା ଶିକ୍ଷକ ବ୍ୟାସଦେବ ବେବର୍ତ୍ତା, ନିଗମ କୁମାର ଦାସ, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଉଭୟ ଯୁବକ ଗହୀରମଥା ଅଞ୍ଚଳ ଗସ୍ତ କରିବେ।

## ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

**ରାଜକନିକା, ୨୧।୧ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅଧୀନ ନହୁଣି ସତ୍‌ସଙ୍ଗ କେନ୍ଦ୍ରଠାରେ ରବିବାର ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସତ୍‌ସଙ୍ଗ ସଭାରେ କେନ୍ଦ୍ରାପଡ଼ା ସତସଙ୍ଗ ବିହାରର ସହ ପ୍ରତିରିତ୍ୱିକ ଗୁରୁ ଚରଣ ପରିଡା ପୌରୋହିତ୍ୟ କରିଥିଲେ। ହାଟସାହି ବି.ଆର୍. ସାଇନ୍ସ କଲେଜର ବରିଷ୍ଠ ଅଧ୍ୟାପକ ତଥା ସହପ୍ରତିରିତ୍ୱିକ ଡା. ବିଜୟ କୁମାର ନାୟକ ଯୋଗଦେଇ ଅନୁକୂଳଚନ୍ଦ୍ରଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ବକ୍ତା ଭାବେ ସହପ୍ରତିରିତ୍ୱିକ ଜୟନ୍ତ କୁମାର ପରିଡା ଓ ପର୍ଶୁରାମ ମାଣିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନମତରା ହାଇସ୍କୁଲର ଶିକ୍ଷକ ଦେବେନ୍ଦ୍ର କୁମାର ସାହୁ ସତ୍ୟାନୁସରଣ ପାଠ କରିଥିବା ବେଳେ ଭରତ ଚନ୍ଦ୍ର ଦାସ ନାରୀ ନୀତି ପାଠ କରିଥିଲେ। ଏହି ସଭାରେ ସହପ୍ରତିରିତ୍ୱିକ ଯୁଧିଷ୍ଠିର ପ୍ରଧାନ, ବଂଶୀଧର ସାହୁ, ଧନେଶ୍ୱର ସାହୁ, ଭାରତ ମହାପାତ୍ର ଓ ନହୁଣି ସତ୍‌ସଙ୍ଗ କେନ୍ଦ୍ରର ପ୍ରାକ୍ତନ ଅଧକ୍ଷ କ୍ଷେତ୍ରବାସୀ ପଢିଆରୀଙ୍କ ସମେତ ରାଜକନିକା, କେନ୍ଦ୍ରାପଡ଼ା, ଚାନ୍ଦବାଲି ଓ ଯାଜପୁର ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଆଦର୍ଶ ବିଦ୍ୟାଳୟ ହିଁ ଆଦର୍ଶ ଛାତ୍ର ସୃଷ୍ଟି କରିଥାଏ

**ଆଳି, ୨୧।୧ (ଡି.ଏନ୍.ଏ.)**

ଆଳି ବ୍ଲକସ୍ଥିତ ଶରତ କୁମାର ଦେବ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ନୃସିଂହ ଚରଣ ନନ୍ଦୀଙ୍କ ଅଧକ୍ଷତାରେ ଅନୁଷଷ୍ଠିତ ସଭାରେ ଆଳି ରାଜା ବ୍ରଜକେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ, ଏକ ଆଦର୍ଶ ବିଦ୍ୟାଳୟ ହିଁ ଆଦର୍ଶ ସୃଷ୍ଟି କରିଥାଏ। ସବୁ ବର୍ଷ ଅନେକ ଆଦର୍ଶ ଛାତ୍ରୀଛାତ୍ର ସୃଷ୍ଟି କରି ଏହି ସ୍କୁଲ ଜିଲାରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି ସେ ବକ୍ତବ୍ୟ ରଖିଥିଲେ। ଶରତ କୁମାର ଦେବ ଉ.ପ୍ରା. ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବି ଏମ୍ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାରେ ଭାଗନେବା ଗୁରୁତ୍ୱପୂର୍ଣ୍ଣ ହାରିବା ଜିତିବା ନୁହେଁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ସରୋଜକାନ୍ତ ସାହୁ, ଅଖିଳ କୁମାର ବଳ, ଶିକ୍ଷାବିତ୍ ଶରତ କୁମାର ରାୟ, ନିରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ବିଜୟ କୁମାର ବୋଇତି ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଗତ ସପ୍ତାହରେ ଶେଷ ହୋଇଥିବା କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗୀତାର ଭାଗନେଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁକାନ୍ତ କୁମାର ଦାଶ, ଗୀତା ମିଶ୍ର, ପ୍ରକାଶ ନାୟକ, ରୀତାଞ୍ଜଳି ପଣ୍ଡା, ସସ୍ମିତା ସାହୁ, ସୁକେଶିନୀ ପ୍ରଧାନ, ତୁଳସୀ ଦାସ, ସୁଶାନ୍ତ କୁମାର ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ଗୋବରୀ ନଦୀରେ ୨ୟ ସେତୁ ପାଇଁ ଶିଳାନ୍ୟାସ

**କେନ୍ଦ୍ରାପଡା ଅଫିସ,୨୧।୧**

କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଗୁଲନଗରଠାରେ ଗୋବରୀ ନଦୀରେ ୨ୟ ସେତୁ ନିର୍ମାଣ ପାଇଁ ରବିବାର ଶିଳାନ୍ୟାସ ହୋଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ସେତୁର ଶିଳାନ୍ୟାସ କରିଥିଲେ। ୫ କୋଟି ୬୩ ଲକ୍ଷ ୫୦ହଜାର ୩୦୧ ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ ହେବ। ଆସନ୍ତା ୨୦୨୦ ଜାନୁୟାରୀ ସୁଦ୍ଧା ଏହା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ସେତୁ ନିର୍ମାଣ ଫଳରେ ତିନିମୁହାଣୀ ଛକରେ ଭିଡ ନିୟନ୍ତ୍ରଣ ହେବା ସହ ରାଜ୍ୟ ରାଜପଥର ଏକମୁଖୀ ରାସ୍ତାରେ ପ୍ରଚଳନ ହୋଇପାରିବ। ଏହି ଶିଳାନ୍ୟାସ ଉତ୍ସବରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ଗୁଲନଗର ସରପଞ୍ଚ ପିତବାସ ବେହେରା ଓ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ।

**ଡେରାବିଶ, ୨୧।୧ (ସ୍ୱ.ପ୍ର.)**

ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଇତିମଧ୍ୟରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଅଧକ୍ଷା ଡା. ରତ୍ନମଞ୍ଜରୀ ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ଡେରାବିଶ ଥାନାଧିକାରୀ ସୁଧୀର କୁମାର ସାହୁ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଚାଟରାଚକଡା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀ ଦିବ୍ୟରୂପା ଜେନା, ଜୟନ୍ତୀ ମଳିକ ଏବଂ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ପଲ୍ଲିଶ୍ରୀ କରଙ୍କ ସମେତ ଅନ୍ୟମାନଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଅଧ୍ୟାପିକା ଅର୍ଥନୀତି ବିଭାଗ କନକଲତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡିଆ ବିଭାଗ ଅଧ୍ୟାପିକା ଗାୟତ୍ରୀ ଦାସ ବାର୍ଷିକ ବିବରଣୀ ପାଠ ଓ ଇଂରାଜୀ ବିଭାଗ ଅଧ୍ୟାପିକା ଜ୍ୟୋସ୍ନାମୟୀ ଶତପଥୀ ଧନ୍ୟବାଦ ଦେଇଥିଲେ।

### ■ ବ୍ଲକସ୍ତରୀୟ ମିଳିତ ଜନଶୁଣାଣି ଶିବିର

## ୨୩୧ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି

**ଆଳି, ୨୧।୧ (ଡି.ଏନ୍.ଏ.)**

ଆଳି ବ୍ଲକ ସଭାଗୃହରେ ସୋମବାର କେନ୍ଦ୍ରାପଡା ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ, ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ନୀତିଶେଖର, ପିଡି ଦିଲ୍ଲୀପ ପରିଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଆଳି ବିଡିଓ ଜୟନ୍ତ ପୃଷ୍ଟି, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ମୋଟ ୨୩୧ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରୁ ୧୦ଟି ସାମୂହିକ ଥିବା ବେଳେ ଅବଶିଷ୍ଟ ବ୍ୟକ୍ତିଗତ ଅଭିଯୋଗ ଥିଲା। ରାଶନକାର୍ଡ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ଚିକିତ୍ସା ସହାୟତା ଆଦି ବ୍ୟକ୍ତିଗତ ସମସ୍ୟାର ଶୁଣାଣି କରାଯାଇଥିଲା। ସାମୁହିକ ସମସ୍ୟାଗୁଡିକ ମଧ୍ୟରେ ବଡାମ୍ବିଲା ପଞ୍ଚାୟତ ଅଧୀନ ସାହୁପଡା ଅଙ୍ଗନୱାଡି କେନ୍ଦ୍ରର କର୍ମଚାରୀ ଦୀର୍ଘ ଦିନ ହେବ କେନ୍ଦ୍ରକୁ ନ ଆସି ଦରମା ନେଉଥିବା ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଏ ନେଇ ସେମାନେ ପୂର୍ବରୁ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଡିମିରିପାଳ ପଞ୍ଚାୟତ ମଧୁବନ ଗ୍ରାମରେ ଜବକାର୍ଡ ସମସ୍ୟା, କେନ୍ଦୁସାହି ଗ୍ରାମରେ ଭାଗବତ ଟୁଙ୍ଗି ସମସ୍ୟା, ସାହୁପଡା ଗ୍ରାମ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳରେ ପଥର ସ୍ପର ନିର୍ମାଣ, ତେଲିପାଟଣାରେ କଲଭର୍ଟ ନିର୍ମାଣ, ବାଲିଅଡା ପାଣିଟାଙ୍କି ପୁନରୁଦ୍ଧାର ଆଦି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ସେହିପରି ମେଣ୍ଟପୁର ସରପଞ୍ଚ ଅଭିଯୋଗ କରିଥିଲେ ଯେ, ଗୋପ ଗ୍ରାମର ରାମଚନ୍ଦ୍ର ସାହୁଙ୍କ ଘର ଭାଙ୍ଗି ଯାଇଥିବାରୁ ତାଙ୍କୁ ଏକ ବାସଗୃହ ଯୋଗାଇ ଦେବା ନିମନ୍ତେ ସେ ପୂର୍ବରୁ ବିଡିଓ ଓ ତତ୍କାଳୀନ ଜିଲାପାଳ ରେଘୁ ଜୀ. ଓ ବର୍ତ୍ତମାନର ଜିଲାପାଳ ଦାଶରଥି ଶତପଥୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ତାହା ଏଯାଏଁ ମିଳିପାରିନାହିଁ। ତୁରନ୍ତ ଏହି ପରିବାରକୁ ବାସଗୃହ ଯୋଗାଇ ଦେବା ନିମନ୍ତେ ସରପଞ୍ଚ ସାହୁ ଜିଲାପାଳଙ୍କୁ ନିବେଦନ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜନ ଶୁଣାଣି ଶିବିରରେ ୬ ଜଣଙ୍କୁ ଚିକିତ୍ସା ସହାୟତା ବାବଦ ୫୯ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।


ଶିବିରରେ ଜିଲାପାଳ ଦାଶରଥି ଶତପଥୀ, ଏସ୍‌ପି ନୀତିଶେଖର ଓ ଅନ୍ୟ ପଦାଧିକାରୀମାନେ।



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତାବେଳେ କଳି କରନ୍ତି।

-ଚେଷ୍ଟାର ଷ୍ଟେନ୍



## ସଂକ୍ଷେପରେ

### ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବିରଜାକ୍ଷେତ୍ର,୨୧।୧(ଡି.ଏନ୍.ଏ): ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତ ବିଦ୍ୟାଧରପୁର ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୨ଦିନ ଧରି ଅନୁଷ୍ଠିତ କ୍ରୀଡ଼ାରେ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି କଳାକାର ପୃଷ୍ଟି, ସିଆରସିସି ମଦନାନନ୍ଦ ରାଉତ, ପ୍ରଧାନ ଶିକ୍ଷକ ପଦ୍ମନାଭ ସାହୁ, ବରିଷ୍ଠ ଶିକ୍ଷକ ବିଜୟ କୁମାର ପାଣି, ଶିକ୍ଷୟିତ୍ରୀ ତୃପ୍ତିମୟୀ ଦାଶ, ସଦାଶିବ ଜେନା, ଗାୟତ୍ରୀ ପୃଷ୍ଟି, ନିର୍ମଳ ଚନ୍ଦ୍ର ସେଠୀ, କ୍ରୀଡ଼ା ଶିକ୍ଷୟିତ୍ରୀ ଅର୍ପିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ୮ଟି ଶ୍ରେଣୀକୁ ନେଇ ୪ଟି ଗ୍ରୁପରେ ବିଭକ୍ତ କରି ବାଳକ ବାଳିକା କ୍ରୀଡ଼ାରେ ଭାଗ ନେଇଥିଲେ। ପ୍ରତ୍ୟେକ ଗ୍ରୁପ୍‌ର ଚାମ୍ପିୟନଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ନାଥସାହି ପଞ୍ଚାୟତ ଆଞ୍ଚଳିକ ମହାବିଦ୍ୟାଳୟର ଅଧାପକ ବିନୋଦ ଚନ୍ଦ୍ର ନାୟକ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ସଂଜୟ ରଣା, ଜ୍ୟୋର୍ତିମୟୀ ଜେନା, ସାଇମନ ଦାସ, ଦୀପକ ଜେନା, ଭାଗ୍ୟସ୍ମିତା ସାହୁ, ବିଜୟ ରଣା, ମନୀଷା ବାରିକ, ସୁବ୍ରତ ବେହେରା, ଦୀପଶିଖା ରଣାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ୱାର୍ଡ଼ ସଭ୍ୟା ସୁମିତ୍ରା ନାୟକ ପିଲାଙ୍କୁ ଖେଳରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧାପକ ବିନୋଦ ଚନ୍ଦ୍ର ନାୟକ କ୍ରୀଡ଼ାର ସମସ୍ତ ପୁରସ୍କାର ଟ୍ରଫି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ବରିଷ୍ଠ ଶିକ୍ଷକ ବିଜୟ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### ଖରସ୍ରୋତା ମହାବିଦ୍ୟାଳୟର କବିତା ପାଠୋତ୍ସବ

ସିଂହପୁର,୨୧।୧(ଡି.ଏନ୍.ଏ.) : ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ୪୩ତମ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଶବ୍ଦ ଶିଉଳି ଆନୁକୂଲ୍ୟରେ ସୋମବାର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ କ୍ଷୀରୋଦ କୁମାର ବେହେରା ଅଧକ୍ଷତା କରିଥିଲେ। ବିଶିଷ୍ଟ କବି ଶ୍ରୀହରି ଧଳ ମୁଖ୍ୟଅତିଥି, ବ୍ୟଙ୍ଗ କବି ଅଖିଳେଶ ଦାସ ମୁଖ୍ୟବକ୍ତା, ପ୍ରାଧାପକ ହରିଶ୍ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜ ପ୍ରତିଭାର ବିକାଶ ପାଇଁ କବିତା ରଚନା କରିବାକୁ ପରାମର୍ଶ ଦେଇଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ଅଧାପକ ଶ୍ରୀକାନ୍ତ ନାୟକ, ମିହିର ରାଉତ, ମୀନକେତନ ତ୍ରିପାଠୀ, ଆଶିଷ ଦାସ ପ୍ରମୁଖ କବିତା ସଂଯୋଜନା କରିଥିଲେ। ଶତାଧିକ ଛାତ୍ରୀଛାତ୍ର କବିତା ଆବୃତ୍ତି କରିଥିଲେ। ପ୍ରାଧାପକ ସତ୍ୟବ୍ରତ ପାଢ଼ୀ, ସୁବୋଧ ନାୟକ, ଘନଶ୍ୟାମ ଜେନା, ପର୍ଶୁରାମ ସାହୁ, ଶରତ ପତି, ପଞ୍ଚାନନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ରୋଜାଲିନ କୁଅଁର ଧନ୍ୟବାଦ ଦେଇଥିଲେ।

## ■ ଧାନ ସଂଗ୍ରହରେ ଅନିୟମିତତା

# ଏଆର୍‌ସିଏସ୍‌ଙ୍କୁ ସ୍ପଷ୍ଟୀକରଣ ପାଇଁ ନୋଟିସ

■ଭାଗ ନେଇ ନ ଥିବା ପ୍ୟାକ୍ସ କର୍ମଚାରୀଙ୍କୁ ମାଫ

■ଦବିଗଲା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଯାଜପୁର ଅଫିସ,୨୧।୧

ଚଳିତ ବର୍ଷ ଧାନ ସଂଗ୍ରହରେ ଆରମ୍ଭରୁ ବିଭ୍ରାଟ ଦେଖା ଦେଇଥିଲା। ଗତ ୯ତାରିଖ ସୁଦ୍ଧା ୨୧ଟି ପ୍ୟାକ୍ସ ଧାନ ସଂଗ୍ରହ ପ୍ରକ୍ରିୟାରେ ଭାଗ ନେଇ ନ ଥିଲେ। ଫଳରେ ଚାଷୀ ବାଧ ହୋଇ ମଧ୍ୟସ୍ଥି ହାତରେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟଠାରୁ ପ୍ରାୟ ୫୦୦ ଟଙ୍କା କମ୍‌ରେ ଧାନ ଟେକି ଦେଉଥିଲେ। ଏନେଇ ରାଜ୍ୟ ସମବାୟ ସମିତିର ନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୮୮୧/୯।୧।୨୦୧୯ରେ ୨ଦିନ ମଧ୍ୟରେ ଯେଉଁ ପ୍ୟାକ୍ସ କର୍ମଚାରୀ ମଣ୍ଡି ଖୋଲି ନାହାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଏଆର୍‌ସିଏସ୍ (ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋଅପରେଟିଭ ସୋସାଇଟି)ଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଏଆର୍‌ସିଏସ୍ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ନାହାନ୍ତି। ଏପରିକି ନିଷ୍ପତ୍ତି ଅନୁସାରେ ଯେଉଁ ମଣ୍ଡି ଖୋଲି ନାହିଁ, ତାର ଆଖପାଖ ମଣ୍ଡିରେ ଆଗ୍ରହୀ ଚାଷୀଙ୍କ ଧାନ ସଂଗ୍ରହ ମଧ୍ୟ ହୋଇ ପାରିନାହିଁ। ଏପରି ଭାବେ କାହିଁକି ପ୍ୟାକ୍ସ ମ୍ୟାନେଜମେଣ୍ଟ କମିଟିର ନିଷ୍ପତ୍ତିକୁ ଉଲ୍ଲଂଘନ କରାଯାଇଛି, ସେନେଇ ରାଜ୍ୟ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟର ଯୁଗ୍ମ ନିବନ୍ଧକ ସୋମବାର ଯାଜପୁର ଏଆର୍‌ସିଏସ୍ ଓ ଡିଆରସିଏସ୍ କଟକ ଡିଭିଜନଙ୍କୁ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

କୃଷି ଓ କୃଷକଙ୍କ ପ୍ରତି ଅବହେଳା ଯୋଗୁ ସାରା ରାଜ୍ୟରେ ଚାଷୀ ଅସନ୍ତୋଷ ଲାଗି ରହିଛି। ନିର୍ବାଚନୀ ବର୍ଷରେ ଏହା ସରକାରଙ୍କୁ ଅଡୁଆରେ ପକାଇଛି। ତେଣୁ ଚାଷୀ ଯେପରି ମାର୍କେଟ ୟାର୍ଡରେ ଧାନ ବିକ୍ରି କରି ନିର୍ଦ୍ଧାରିତ ସହାୟକ ମୂଲ୍ୟ ପାଇବେ ସେଥିପାଇଁ ସରକାର ଗୁରୁତ୍ୱାରୋପ କରିଛନ୍ତି। ଇତିମଧ୍ୟରେ ଚାଷୀଙ୍କ ପାଇଁ କାଳିଆ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ପ୍ରଶାସନିକ ଅବହେଳା ଓ ରାଜନେତାଙ୍କ ଅନାଗ୍ରହ ଧାନ ସଂଗ୍ରହକୁ ଭଣ୍ଡୁର କରି ଆସିଛି। ମଧ୍ୟସ୍ଥିଙ୍କୁ ଅଧିକ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ପ୍ରତିବର୍ଷ ଧାନ ଉତ୍ପାଦନର ମାତ୍ର ୨୦ରୁ ୨୫ ପ୍ରତିଶତ ସରକାରୀ ଭାବେ ସଂଗ୍ରହ କରାଯାଉଛି। କିନ୍ତୁ ଚଳିତବର୍ଷ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସରକାର ଧାନ ସଂଗ୍ରହ ପରିମାଣକୁ ୨ଗୁଣ ବୃଦ୍ଧି କରିଛନ୍ତି। ଏପରିକି ଧାନ ସଂଗ୍ରହରେ ଭାଗ ନେଇ ନ ଥିବା ପ୍ୟାକ୍ସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ସେହି ନିର୍ଦ୍ଦେଶ କୌଣସି ଅଦୃଶ୍ୟ ଚାପରେ ଚାପି ହୋଇଯାଇଛି। ତେଣୁ ରାଜ୍ୟ ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟର ଯୁଗ୍ମ ସମ୍ପାଦକ ଉଦ୍‌ବେଗ ପ୍ରକାଶ କରି ଯାଜପୁର ଏଆର୍‌ସିଏସ୍‌ଙ୍କୁ ଗୋଟିଏ ଦିନ ମଧ୍ୟରେ ସୋମବାର ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ପଷ୍ଟୀକରଣରେ ଦର୍ଶାଯାଇଛି ଯେ, ଗତ ୮ତାରିଖରେ ଅନୁଷ୍ଠିତ ଭିଡିଓ କନ୍‌ଫେରେନ୍ସର ନିଷ୍ପତ୍ତି ଅନୁସାରେ ଜିଲାର ସମସ୍ତ ପ୍ୟାକ୍ସ ଜରିଆରେ ଧାନ ସଂଗ୍ରହ ହେବ। ଯେଉଁ ପ୍ୟାକ୍ସ ଧାନ ସଂଗ୍ରହ କରିନାହାନ୍ତି ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇନାହିଁ। ଏ ପର୍ଯ୍ୟନ୍ତ ୧୨୦ରୁ ୧୦୭ ପ୍ୟାକ୍ସରେ ମଣ୍ଡି ଖୋଲାଯାଇଛି। ଏଯାଏ ୧୩ଟି ପ୍ୟାକ୍ସ ଧାନ ସଂଗ୍ରହ ଆରମ୍ଭ କରିନାହାନ୍ତି। ଏଥିରେ ସୋମବାର ସୁଦ୍ଧା ୪୮୭୭୫୬.୭୭ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଯାହାକି ସମ୍ପୂର୍ଣ୍ଣ ଭାବେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ମାତ୍ର ୫,୪୪,୧୧୭ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ଦୁଇଗୁଣ ପରିମାଣର ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ହୋଇଛି। ଅଥଚ ପ୍ୟାକ୍ସ କର୍ମଚାରୀଙ୍କ ମଧ୍ୟସ୍ଥି ପ୍ରୀତି ଯୋଗୁ ଧାନସଂଗ୍ରହ ନୈରାଶ୍ୟଜନକ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ବେଣୁଧର ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନଥିଲେ। ଏହାପରେ ଜିଲାପାଳ ରଞ୍ଜନ କୁମାର ଦାଶଙ୍କୁ ପଚାରିବାରେ, ଯେଉଁ ଅଞ୍ଚଳରେ ଧାନ ସଂଗ୍ରହ ହେଉନି ସେହି ପ୍ୟାକ୍ସଗୁଡ଼ିକୁ ବାଦ୍ ଦିଆଯାଇଛି। ଅନ୍ୟ ସମସ୍ତ ପ୍ୟାକ୍ସରେ ଧାନ ସଂଗ୍ରହ ଆରମ୍ଭ ହୋଇଯାଇଛି ବୋଲି କହିଥିଲେ।

### ଧରମପୁର ସ୍କୁଲରେ ବାର୍ଷିକ କ୍ରୀଡ଼ୋତ୍ସବ

ଯାଜପୁର ଅଫିସ,୨୧।୧

ଯାଜପୁର ଜିଲା ଦଶରଥପୁର ବ୍ଲକ୍ କୟାଁ ଗ୍ରାମ ପଞ୍ଚାୟତସ୍ଥିତ ଧରମପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ସୁବ୍ରତା ସେନାପତିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବିଭିନ୍ନ ଖେଳରେ ଅଂଶଗ୍ରହଣ କରିଥିଲେ। ଖେଳ ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ମଲ୍ଲିକଙ୍କ ରଚିତ ଓ ନିର୍ଦ୍ଦେଶନାରେ ସ୍ୱଚ୍ଛ ଭାରତ ତଥା ପରିବେଶ ସଚେତନତା ଉପରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚଉବନ ବାରିକ୍, ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମଲ୍ଲିକ, ସହକାରୀ ଶିକ୍ଷକ ମହେଶ୍ୱର ବେହେରା, ଶିକ୍ଷୟିତ୍ରୀ ରଜନୀରାଣୀ ସାହୁ, ସିଆରସିସି ବଳରାମ ମଲ୍ଲିକ, କ୍ରୀଡ଼ା ଶିକ୍ଷୟିତ୍ରୀ ସୁବ୍ରତା ସେନାପତି ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

## ଗୋପୀ ଭାଗବତ ଭଜନ କୁଟୀରର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବିରଜାକ୍ଷେତ୍ର,୨୧।୧(ଡି.ଏନ୍.ଏ)

ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ମଇଦପୁର ଗୋଠ ସାହିରେ ଶୁକ୍ରବାର ଗୋପୀ ଭାଗବତ ଭଜନ କୁଟୀରର ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଗ୍ରହ ବିଜେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରୀତିନୀତି ଅନୁଯାୟୀ ପୂଜା ଓ ଯଜ୍ଞ ହେବା ସହ ମନ୍ଦିରରେ ବୃନ୍ଦାବନ ବିହାରୀ ଶ୍ୟାମସୁନ୍ଦର ବିଗ୍ରହ ମୂର୍ତ୍ତି ବିଜେ ହୋଇଛନ୍ତି। ୧୯୦୯ରୁ ଏହି ଗ୍ରାମରେ ଗୋପୀ ଭାଗବତ ଭଜନ କୁଟୀର ସ୍ଥାପନ ହୋଇ ବୃନ୍ଦାବନ ବିହାରୀ ଶ୍ୟାମସୁନ୍ଦର ମୂର୍ତ୍ତି ପୂଜାପାଇ ଆସୁଛନ୍ତି। ୨୦୦୯ରେ ସିମିଳିଆ ଗ୍ରାମର ୧୪ଜଣ ମହିଳା ଅଖଣ୍ଡ କୀର୍ତ୍ତନ ସହ ବୃନ୍ଦାବନ ବିଜେ କରିଥିଲେ। ବୃନ୍ଦାବନରୁ ହରିନାମ ଦୀକ୍ଷା ଗ୍ରହଣ କରି ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ କୀର୍ତ୍ତନ ଓ ଭାଗବତ ପ୍ରଚାର ଜାରି ରଖିଛନ୍ତି। ସେହିଦିନରୁ ୧୪ଜଣ ମହିଳାଙ୍କ ସହ ଅନ୍ୟ ୧୪ ମହିଳା ସହଯୋଗ କରି ଅଖ୍ୟାତ ପଲ୍ଲୀ ଅଞ୍ଚଳରେ ଗୋପୀ ଭାବଗତ ଭଜନ କୁଟୀର ମନ୍ଦିର ସ୍ଥାପନ କରିଛନ୍ତି। ହରିବୋଲ ମହାରାଜ, ବାଣୀଶ୍ରୀ ନାୟକ, ଗୀତାଞ୍ଜଳି ନାୟକ, ବିଳାସିନୀ ବରାଳ, ଜୟନ୍ତୀ ନାୟକ ଏହି ମନ୍ଦିରର ପୃଷ୍ଠପୋଷକ ସହ ମୁଖ୍ୟ ପୁରୋଧା ଅଟନ୍ତି। ପ୍ରତ୍ୟହ ଭୋର୍ ୪ଟାରେ ମଙ୍ଗଳ ଆଳତୀ, ସକାଳ ୬ଟା ୩୦ମି.ରେ ଦର୍ଶନ ଆଳତୀ, ମଧାହ୍ନ ୧୨ଟା ୩୦ରେ ଦ୍ୱିପ୍ରହର ଆଳତୀ, ଅପରାହ୍ନ ୪ଟା ୩୦ମି.ରେ ବୈକାଳିକ ଆଳତୀ, ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଆଳତୀ ଓ ରାତ୍ର ୮ଟାରେ ପହୁଡ଼ ଆଳତୀ ହୋଇଥାଏ। ଭୋର ୪ଟାରେ କ୍ଷୀର ଲବଣୀ ଭୋଗ, ସକାଳ ୬ଟା ୩୦ମି.ରେ ଖିଚିଡ଼ି ଭୋଗ, ମଧାହ୍ନା ୧୨ଟାରେ ଅନ୍ନଭୋଗ, ଅପରାହ୍ନ ୪ଟାରେ ଫଳ ଭୋଗ, ସନ୍ଧ୍ୟାରେ କ୍ଷୀରି ଭୋଗ ଓ ରାତ୍ର ୮ଟାରେ ରୁଟି, କ୍ଷୀରି ଓ ତରକାରୀ ଲାଗି ଭୋଗ ପ୍ରତ୍ୟହ ଏହି କାର୍ଯ୍ୟକ୍ରମ ହୋଇଥାଏ।

## ରିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ବାର୍ଷିକ କ୍ରୀଡ଼ୋତ୍ସବ



ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ ।

ଯାଜପୁର ଅଫିସ,୨୧।୧

ଯାଜପୁରରୋଡ ରିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୦ମ ବାର୍ଷିକ କ୍ରୀଡୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ଅଧକ୍ଷ ଦିଗନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିବାବେଳେ ଉପାଧକ୍ଷ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ ଉତ୍ସବରେ ବରିଷ୍ଠ ଆଇନଜୀବୀ ପ୍ରବୀର ବିଶ୍ୱାଳ ମୁଖ୍ୟଅତିଥି, ସାମାଜିକ କର୍ମୀ ରାଜେଶ ରାଉତ, ନେସ୍କୋ ଜେଇ ମିଳନ ରାଉତ ଓ ଧରିତ୍ରୀର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ■ ଜିଲାପାଳଙ୍କ ମହାସମାଧାନ ଶିବିରରେ ଅବ୍ୟବସ୍ଥା

# ଅଧିକାରୀ ନ ରହିବାରୁ ୭୯ ଅଭିଯୋଗର ହେଲାନି ସମାଧାନ

ରସୁଲପୁର,୨୧।୧(ଡିଏନଏ)

ରସୁଲପୁର ବ୍ଲକରେ ସୋମବାର ଅନୁଷ୍ଠିତ ଯାଜପୁର ଜିଲାପାଳଙ୍କ ମହାସମାଧାନ ଶିବିରରେ ବିଭ୍ରାଟ ଦେଖାଦେଇଛି। ଶିବିରରେ ୭୯ଟି ଅଭିଯୋଗର ସମାଧାନ ହୋଇପାରି ନାହିଁ। ଏହି ମହାସମାଧାନ ଶିବିରକୁ ମୋଟ ୧୩୨ଟି ଅଭିଯୋଗ ଆସିଥିଲା। ସେଥିରୁ ୫୩ଟିରେ ତତ୍କାଳ ସମାଧାନ ହୋଇଥିଲା। ଏହି ସଂଖ୍ୟା ମୋଟ ଅଭିଯୋଗର ଶତକଡା ୪୦ ଭାଗ ହୋଇଥିବା ବେଳେ ବାକି ୬୦ ଭାଗ ଅଭିଯୋଗର ସମାଧାନ ହୋଇ ନ ପାରି ନ ଥିଲା। ଯାହାକି ଏହି ଶିବିରର ସଫଳତା ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସମସ୍ୟାକୁ ନେଇ ଅଭିଯୋଗକାରୀଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିବାରୁ ସେମାନଙ୍କ ମନରେ ନୈରାଶ୍ୟ ଭାବ ଦେଖାଦେଇଛି।

ପ୍ରକାଶ ଯେ, ସୋମବାର ଶିବିର ୧ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହୋଇଯାଇଥିଲା। ଜିଲାପାଳ ଶିବିରରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଓ ସହକାରୀ ଜିଲାପାଳ(ଅଭିଯୋଗ ପ୍ରକୋଷ୍ଠ) ଉମେଶ ଚନ୍ଦ୍ର ଲେଙ୍କା ଶିବିରରେ ଦାୟିତ୍ୱ ସମ୍ଭାଳିଥିଲେ। ଜିଲାପାଳ ଶିବିରରେ ପହଞ୍ଚି ଘଣ୍ଟାକ ପରେ ଚାଲିଯାଇଥିଲେ। ଏହି ସୁଯୋଗରେ ଅନ୍ୟ ଅଧିକାରୀମାନେ ମଧ ଶିବିରରୁ ଚାଲିଯାଇଥିଲେ। ରସୁଲପୁର ବିଡିଓ ଉମାକାନ୍ତ ପରିଡା, ପ୍ରକଳ୍ପ ନିର୍ଦ୍ଦେଶକ ନାୟକ, ସହକାରୀ ଜିଲାପାଳ ଲେଙ୍କା ଶିବିରରେ ଉପସ୍ଥିତ ରହି ଶିବିରକୁ ପରିଚାଳନା କରୁଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ପତ୍ରକୁ ଗ୍ରହଣ କରିବା ସହ ସେଗୁଡିକୁ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ସୁପାରିଶ କରିଥିଲେ। ଶିବିର ସ୍ଥଳରେ ବିଭାଗୀୟ ଅଧିକାରୀମାନେ ନ ଥିବାରୁ ଉକ୍ତ ସମସ୍ୟାର ସମାଧାନ ହୋଇପାରି ନ ଥିଲା କି ଅଭିଯୋଗକାରୀଙ୍କୁ ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା। ଏ ନେଇ ଅଭିଯୋଗକାରୀ ଏହି ବ୍ଲକ ଓଡିଶୋ ପଞ୍ଚାୟତର ପ୍ରଶାନ୍ତି ଦାସ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବର, ମହାସମାଧାନ ଶିବିର କେବଳ ଚିରାଚରିତ ଢଙ୍ଗରେ ଚାଲୁଛି। ମାତ୍ର ତାହା ଜନସାଧାରଣଙ୍କ ଅଭିଯୋଗକୁ ସମାଧାନ କରିବାରେ କେତେ ସହାୟକ ହେଉଛି ତାହାର ସମୀକ୍ଷା କରାଯିବା ଉଚିତ୍ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି । ଶିବିରକୁ ଆସିଥିବା ଅଭିଯୋଗ ମଧ୍ୟରୁ ୧୨୫ଟି ବ୍ୟକ୍ତିଗତ ହୋଇଥିବା ବେଳେ ସାମୂହିକ ଅଭିଯୋଗ ୫ଟି ହୋଇଛି। ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ୧୦ହଜାର ଲେଖାଏଁ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶିବିରରେ ଯାଜପୁର ଏସପି ଚରଣ ସିଂ ମୀନା, ଜିଲା ସାମଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ଜିଲା ଶିକ୍ଷାଧିକାରୀ କୃଷ୍ଣ ଚନ୍ଦ୍ର ନାୟକ, ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଜିଲା ଅବକାରୀ ଅଧକ୍ଷକ ରଜତ କୁମାର ମହାପାତ୍ର, ଜିଲା ସାମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ରଥ ପ୍ରମୁଖ ଯୋଗ ଦେଇଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କ ସହ ଯୋଗାଯୋଗ ସମ୍ଭବ ନ ହୋଇପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ଶିବିରରେ ଅଧିକାରୀ ଉପସ୍ଥିତ ନ ଥିବାରୁ ଚେୟାର୍ ଫାଙ୍କା ପଡ଼ିଛି।

## ■ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ମଧୁପୁରକୁ ହରାଇ ହସନପୁର ଚାମ୍ପିୟନ

ଯାଜପୁର ଅଫିସ,୨୧।୧

ନେତାଜୀ କ୍ଲବ ଆନୁକୂଲ୍ୟରେ ରବିବାର ଯାଜପୁର ଜିଲା ଦୁବକଣ ଜୟଚଣ୍ଡୀ ହାଇସ୍କୁଲ ପଡ଼ିଆରେ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏସ୍‌ଏନ କ୍ରିକେଟ ଟିମ୍ ମଧୁପୁର ଓ ବାବା ବଉଳେଶ୍ୱର କ୍ରିକେଟ ଟିମ୍ ହସନପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିଣି ମଧୁପୁର କ୍ରିକେଟ ଟିମ୍ ନିର୍ଦ୍ଧାରିତ ୮ଓଭରରେ ୩ ୱିକେଟ୍ ହରାଇ ୫୨ରନ୍ ସଂଗ୍ରହ କରିଥିଲା। ଜବାବରେ ହସନପୁର କ୍ରିକେଟ ଟିମ୍ ୯ ୱିକେଟ୍ ହରାଇ ୭ଓଭର ୩ଟି ବଲରେ ୫୩ ରନ୍ କରି ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ସ୍ୱାଧୀନ ବିଶ୍ୱାଳ ମ୍ୟାନ ଅଫ୍ ଦି ମ୍ୟାଚ, ସ୍ୱାଧୀନ ବିଶ୍ୱାଳ ବେଷ୍ଟ ବ୍ୟାଟ୍‌ସମ୍ୟାନ, ଶିବଶଙ୍କର ସାହୁ ବେଷ୍ଟ କ୍ୟାଚର, ରାକେଶ ଭଞ୍ଜ ମ୍ୟାନ୍ ଅଫ୍ ଦ ସିରିଜ ଓ ବେଷ୍ଟ ବୋଲର ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ। ସୁନୀଲ କୁମାର ନାୟକ ଓ ବିଶ୍ୱଜିତ୍ ପଣ୍ଡା ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଭାଷ୍ୟକାର ଭାବେ ବିଶ୍ୱମୋହନ ରାୟ, ବୁଦ୍ଧିଆ ସାହାଣି ଦାୟିତ୍ୱ ତୁଲାଇଥିବା ବେଳେ ସ୍କୋର ବୋର୍ଡ଼ ଦାୟିତ୍ୱରେ ସୁଶାନ୍ତ ଯେନା ରହିଥିଲେ। କୟାଁ ପୂର୍ବାଞ୍ଚଳ ବିକାଶ ମଞ୍ଚର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟଅତିଥି, ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ, ଦଶରଥପୁର ପଞ୍ଚାୟତ ସମିତି ଅଧକ୍ଷା ସୁଜାତା ସାହୁ, ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଦଶରଥପୁର ବ୍ଲକ ଉପାଧକ୍ଷ ରଞ୍ଜନ କୁମାର ପୃଷ୍ଟି, କମାରଡ଼ିହି ସରପଞ୍ଚ ସ୍ମିତାରାଣୀ ବିଶ୍ୱାଳ, ପାଳଟପୁରର ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟା ନିନାରାଣୀ ସାମଲ, କୟାଁର ପୂର୍ବତନ ସରପଞ୍ଚ ବୈଦ୍ୟନାଥ ସାହାଣି ପ୍ରମୁଖ ଯୋଗ ଦେଇଥିଲେ।

## ମନେପକାଇଲେ ୪୩ ବର୍ଷ ତଳର ସ୍କୁଲ ସ୍ମୃତି

ବିରଜାକ୍ଷେତ୍ର,୨୧।୧(ଡି.ଏନ୍.ଏ)

ପରିଣତ ବୟସରେ ନିଜର ସ୍ମୃତି ସାଉଁଟିବା ପାଇଁ ବୟସ୍କ ଲୋକମାନେ ବନ୍ଧୁମିଳନ କାର୍ଯ୍ୟକ୍ରମ କରି ନିଜର ପୁରୁଣା ସ୍ମୃତିକୁ ଦୋହରାଇଥିଲେ। ବିଶେଷ କରି ସ୍କୁଲ ସମୟରେ ଅତିବାହିତ କରିଥିବା ବିଦ୍ୟାଳୟର ରୋମାଞ୍ଚଭରା କଥାକୁ ମନେପକାଇ ଉତ୍ସାହିତ ହୋଇଥିଲେ। ବିଦ୍ୟାଳୟରେ ଯୁବ ସୁଲଭର ପ୍ରକୃତି ଓ ବର୍ତ୍ତମାନ ବୟସ୍କର ପ୍ରକୃତି ମଧ୍ୟରେ କିଭଳି ସାମଞ୍ଜସ୍ୟ ରହିଛି ତାହା ମଧ ଚର୍ଚ୍ଚାର ପରିସରଭୁକ୍ତ ହୋଇଥିଲା। ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ୧୯୭୫ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୩ ବର୍ଷ ପରେ ହୋଇଥିବା ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀମାନେ ଖୁବ୍ ଆନନ୍ଦିତ ହୋଇଥିବା ପରିଲକ୍ଷିତ ହୋଇଥିଲା। ପିଲାଦିନର ସାଙ୍ଗଙ୍କୁ ଦେଖି ସମସ୍ତେ ଭାବ ବିହ୍ୱଳ ହୋଇପଡିଥିଲେ। ଅଧିକାଂଶ ଅବସର ଗ୍ରହଣ କରିଥିବା ବେଳେ ପ୍ରାୟତଃ ନିକଟରେ ଅବସରନେବାକୁ ଥିବା ଏହି ବରିଷ୍ଠ ନାଗରିକମାନେ ବନ୍ଧୁମିଳନରେ ଯୋଗଦେଇ ପରସ୍ପର ମଧ୍ୟରେ ଆନ୍ତରିକ ଆଳାପରେ ମଜିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ସେ ସମୟର କେତେଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ କଣ୍ଟ, ରବିନାରାୟଣ ଦାଶ, ବିଶ୍ୱନାଥ ନାୟକ, ଅନନ୍ତ କିଶୋର ନାୟକ, ଦିନବନ୍ଧୁ ରାଉତ, କିରାଣି ସୁର୍ଯ୍ୟମଣୀ ମିଶ୍ର ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅନିରୁଦ୍ଧ ପାଢ଼ୀଙ୍କୁ ପୁଷ୍ପଗଚ୍ଛ ଓ ଉପାୟନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଇହଧାମ ତ୍ୟାଗ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କିଛି ବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜମ୍ମୁକାଶ୍ମୀରର ପୋଲିସ ମହାନିର୍ଦ୍ଦେଶକ ଶିଶିର ମିଶ୍ରଙ୍କ ସମେତ ବିଷ୍ଣୁ ରାୟ, ରମେଶ ପତି, ବିକାଶ ମହାନ୍ତି, ସୁରେନ୍ଦ୍ର ସାହୁ, ବିଷ୍ଣୁ ମହାନ୍ତି, ରବି ସାହୁ, ବଂଶୀଧର ସ୍ୱାଇଁ, ଅମୁଲ୍ୟ ଓଝା, ରଞ୍ଜନ କର, ପିତାମ୍ବର ସାହୁ, ପ୍ରବିର ବୈଶାଖି, ପ୍ରିୟମ୍ବଦା ଦାସ, ବୈଜୟନ୍ତୀମାଳା ସାହୁ, ଆଶା ବୋଷ, ସ୍ନିଗ୍ଧା ପଟ୍ଟନାୟକ, କଲ୍ୟାଣ ଚକ୍ରବର୍ତ୍ତି, ଗୁର ଦେଇ, ସବିତା ମହାନ୍ତି ପ୍ରମୁଖଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ■ ଅଭାବୀ ବିକ୍ରିକୁ ନେଇ ପରିବା ଚାଷୀ ହତାଶ

# ୩ କେଜିଆ ଫୁଲକୋବି ୩ ଟଙ୍କା

ଯାଜପୁର ଅଫିସ,୨୧।୧

ରାଜ୍ୟ ସରକାରଙ୍କ ଶିଳ୍ପ କାରଖାନାକୁ ଅଗ୍ରାଧିକାର ଯାଜପୁର ଜିଲା ଚାଷୀଙ୍କୁ ବିଚଳିତ କରିଛି । କଳିଙ୍ଗନଗର ଓ ଜାରକା ଇଣ୍ଡଷ୍ଟ୍ରିଆଲ ଅଞ୍ଚଳରେ ଶିଳ୍ପ କାରଖାନାର ଲମ୍ଫାଧାଡି ଲାଗିଛି । ଏଥିପାଇଁ ସରକାର ଜମି ସହ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ଯୋଗାଇ ଦେଇଆସୁଛି । କିନ୍ତୁ ଜିଲାରେ ଗୋଟିଏ ବି ଶୀତଳ ଭଣ୍ଡାର ନ ଥିବାରୁ ପରିବା ଚାଷୀ ୩ କେଜି ଓଜନର ଫୁଲକୋବିକୁ ୩ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଚଳିତ ବର୍ଷର ପାଗ କୋବି ଚାଷ ପାଇଁ ଅନୁକୂଳ ଥିଲା। ଫଳରେ ଚାଷୀ ଦୁଇ ପଇସା ରୋଜଗାର ଆଶାରେ କୋବି ଚାଷକୁ ଅଗ୍ରାଧିକାର ଦେଇଥିଲେ। କିନ୍ତୁ ପରିବା ଚାଷୀ ମହରଗରୁ ଯାଇ କାନ୍ତାରରେ ପଡିଛନ୍ତି । ଚାଷରେ ଖର୍ଚ୍ଚ ହୋଇଥିବା ମୂଲ୍ୟ ବି ପାଉନାହାନ୍ତି ଚାଷୀ। ଯାଜପୁର ଜିଲାର ଖରସ୍ରୋତା ଓ ବ୍ରାହ୍ମଣୀ ନଦୀବନ୍ଧ ଯୋଜନାର ମଝି ଅଞ୍ଚଳର ପ୍ରାୟ ୧୫ହଜାର ହେକ୍ଟର ଜମିରେ ପନିପରିବା ଚାଷ ହେଉଛି। ଏହା ଲୋକଙ୍କ ଏକମାତ୍ର ଜୀବନଜୀବିକା ପାଲଟିଛି । ଏହି ପନିପରିବା ପଡୋଶୀ ଜିଲା କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡା, କଟକ ସମେତ ଭୁବନେଶ୍ୱର ଏବଂ ପାରାଦୀପ ପୋଟରୁ ବାହାର ଦେଶକୁ ରପ୍ତାନୀ ହେଉଛି। ହେଲେ ଚଳିତବର୍ଷ ଚାଷୀ ସମ୍ପ୍ରଦାୟ ଉପଯୁକ୍ତ ସରକାରୀ ପ୍ରୋତ୍ସାହନ ଓ ବଜାର ସୁବିଧା ନ ପାଇ ଏବେ ହତାଶ ହୋଇପଡ଼ିଛନ୍ତି। ଅଭାବି ବିକ୍ରି ପାଇଁ ଫୁଲକୋବି ଚାଷୀ ମୁଣ୍ଡରେ ବଜ୍ର ପଡିଛି। ଋଣ ଓ କରଜ କରି ଚାଷ କରିଥିବା ଚାଷୀଙ୍କ ବର୍ଷକର ବେଉସା ପାଣିରେ ପଡୁଛି। ପରିବା ଚାଷକୁ ନେଇ ଗର୍ବ କରୁଥିବା ଯାଜପୁର ଚାଷୀକୂଳ ମୂଳଧନ ଫେରିବା ନେଇ ଚିନ୍ତିତ ରହିଛନ୍ତି। ଏକ ଦଶନ୍ଧି ପୂର୍ବେ ଜୋକଡିଆ ପୋଲ କାର୍ଯ୍ୟକ୍ଷମ ହେବା ପରେ ଖରସ୍ରୋତା ନଦୀ କୂଳରେ ବସବାସ କରୁଥିବା ଚାଷୀ ପ୍ରାୟତଃ ପନିପରିବା ଚାଷ ଉପରେ ନିର୍ଭର କରିଥିଲେ । ପୋଲ ହେବା ପରେ ଯାଜପୁରରୋଡରେ ପନିପରିବା ବିକ୍ରି କରି ଦୁଇ ପଇସା ରୋଜଗାର ଆଶା ରଖିଥିଲେ ଚାଷୀ । ଭଗୀରଥପୁର, ଆଦମପୁର, କୋରକେରା, ନଠୁଆବର, ବଲାଙ୍ଗି, ବାଉଁଶଅଣ୍ଟା, ଟିକରପଡା, ସାରଙ୍ଗପୁର, ବରମପୁର, କାଣ୍ଡସରା, ମାନପୁର, ବରକୋଳିପାଟଣା, ଭଗଦଭଗବାନପୁର, ମୁକୁନ୍ଦେଇପୁର, ନଗୁଆ ଆଦି ଗ୍ରାମର ପ୍ରାୟ ୫୦୦ ଚାଷୀ ଯାଜପୁରରୋଡ ବଜାର ଉପରେ ନିର୍ଭର କରୁଛନ୍ତି । ଏବେ ୩କେଜିଆ ଓଜନର ଫୁଲକୋବିକୁ ୩ ଟଙ୍କା ଦରରେ କ୍ଷେତରୁ ହିଁ ବିକ୍ରି କରୁଛନ୍ତି। ସେଠାରୁ ବେପାରୀମାନେ ଚଢ଼ା ଦରରେ ନେଇ ବଜାରକୁ ଛାଡୁଛନ୍ତି । ବାରବାଟି ବଜାର ଉପରେ ଅରଡିଆ, କୁସୁନପୁର, ନୂଆହାଟ, ଜାବରା, କୃଷ୍ଣପଡା, ମଠସାହି, ଗୋପୀନାଥପୁର, ବାବଲପୁର, ସିଂହାପୁର, ବେତଣ୍ଡା ପ୍ରଭୃତି ଗ୍ରାମର ଏକ ହଜାରରୁ ଉର୍ଦ୍ଧ୍ୱ ଚାଷୀ ନିର୍ଭର କରିଥାନ୍ତି । ଏଠାରୁ ଚାଷୀଙ୍କ କଷ୍ଟୋପାର୍ଜିତ ପନିପରିବାକୁ କମ ମୂଲ୍ୟରେ ନେଇ ପଡୋଶୀ ଜିଲା ସମେତ ବାହାର ଦେଶକୁ ରପ୍ତାନୀ କରାଯାଉଛି । କିନ୍ତୁ ଚାଷୀ ଉପଯୁକ୍ତ ମୂଲ୍ୟ ପାଇ ପାରୁନାହିଁ। ୪ ଡେସମିଲ ଜମିରେ ଫୁଲକୋବି ଚାଷ କଲେ ମଜୁରୀ ବ୍ୟତୀତ ପ୍ରାୟ ୨୦୦୦ ଟଙ୍କା ଖର୍ଚ୍ଚ ହେଉଛି । କିନ୍ତୁ ଏହି ଦରରେ ବିକ୍ରି କଲେ ମୂଳ ଟଙ୍କା ମଧ୍ୟ ଫେରୁନାହିଁ। ଚଳିତବର୍ଷ ଫୁଲକୋବିରେ ଭଲ ଦୁଇ ପଇସା ଲାଭ ମିଳିବ ବୋଲି ଆଶା ଥିଲା। ଯାଜପୁର ଜିଲାର ସୀମାନ୍ତରେ ଏକମାତ୍ର ଶୀତଳଭଣ୍ଡାର ରହିଛି । କିନ୍ତୁ ତାହା ଦୂର ହେଉଥିବାରୁ ଚାଷୀଙ୍କ ପାଇଁ ସୁବିଧା ହୋଇ ପାରୁନାହିଁ । ବରକୁଳିପାଟଣାର ଚାଷୀ ଉଦୟନାଥ ମଲ୍ଲିକ, ପାଦନ ସାହୁ, ବନମାଳି ମଲ୍ଲିକ କୁହନ୍ତି ଚଳିତ ବର୍ଷ ୪୫ ଡେସମିଲ ଜମିରେ ଫୁଲକୋବି ଚାଷ କରିଥିଲି। କିନ୍ତୁ ଏଠାରେ ଶୀତଳ ଭଣ୍ଡାର ନ ଥିବାରୁ ବ୍ୟବସାୟୀମାନେ ଗୋଟାକୁ ୩ ଟଙ୍କା ଦରରେ କୋବି ନେଉଛନ୍ତି । ଋଣକରଜ କରି କୋବି ଚାଷ କରିଥିଲୁ । ଏବେ କେମିତି ଋଣ ଶୁଝିବୁ ସେ ନେଇ ଚିନ୍ତାରେ ପଡିଛୁ ବୋଲି କୋହଭରା କଣ୍ଠରେ କହିଛନ୍ତି।



■ଶୀତଳଭଣ୍ଡାର ଅଭାବ ହୋଇଛି ଚାଷୀଙ୍କୁ କାଳ

■ମୂଳ ବି ଫେରୁନି, ଚିନ୍ତାରେ ପରିବା ଚାଷୀ



ଯେଉଁ ଲୋକ ଭୂଇଁ ତାଡ଼ି ଫସଲ କରୁଛି, ସିଏ ହିଁ ହେଉଛି ଭଗବାନଙ୍କର ଅତି ପ୍ରିୟ ସନ୍ତାନ।
- ଜେଫରସନ୍



## ସଂକ୍ଷେପରେ

### ସରକାରୀ ଯୋଜନା ସଚେତନତା କର୍ମଶାଳା

**ବାଲିକୁଦା,୨୧।୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ସଭାଗୃହରେ ସୋମବାର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ବାଲିକୁଦା ତହସିଲ ପକ୍ଷରୁ ଆୟୋଜିତ ଏହି ବ୍ଲକସ୍ତରୀୟ କର୍ମଶାଳାରେ ଭାରପ୍ରାପ୍ତ ତହସିଲଦାର ଅଜୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଉପାଧକ୍ଷ ରାଖାଲ ଚନ୍ଦ୍ର ଦାସ, ଏବିଡିଓ ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନା ପରିଚାଳନା ଉପରେ ଆଲୋକପାତ କରିଥିଲେ। ଅନ୍ୟପକ୍ଷରେ ସୂଚନା ଅଧିକାର ଆଇନ ଓ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନା ସମ୍ପର୍କରେ ଏବିଡିଓ ବେହେରା ବିସ୍ତୃତ ଭାବେ ବୁଝାଇଥିଲେ। ଅତିରିକ୍ତ ତହସିଲଦାର ତଥା ଲୋକ ସମ୍ପର୍କ ଅଧିକାରୀ କୃଷ୍ଣକାନ୍ତ ସାହୁ ଯୋଜନାର ସଫଳ ରୂପାୟନ ସମ୍ପର୍କରେ କହିଥିଲେ। ଅତିରିକ୍ତ ତହସିଲଦାର ଦେବିପ୍ରସାଦ ରାଉତ, ବାଲିକୁଦା ସହକାରୀ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା ପ୍ରମୁଖ ଯୋଜନା ପରିଚାଳନାରେ ସରପଞ୍ଚ, ସମିତିସଭ୍ୟ ଓ ସାଧାରଣ ଜନତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଜିଲାପରିଷଦ ସଦସ୍ୟ ମହନି ଚରଣ ରାଉତ, ରାମଚନ୍ଦ୍ର ମହାନ୍ତି, ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳା ୨ ଦିନ ଧରି ଚାଲିବ। ସାମାଜିକ କର୍ମୀ ହରିଶ୍ଚନ୍ଦ୍ର ଶତପଥୀ, ଆଶୁତୋଷ ସ୍ୱାଇଁ, ଭବେଶ୍ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ସୁରଥ ମେମୋରିଆଲ ଭଲି: ଆଶ୍ରମପାଟଣା ଚାମ୍ପିୟନ

**ବିରିଡ଼ି,୨୧।୧(ଡି.ଏନ.ଏ.):** ବିରିଡ଼ି ବ୍ଲକ ପୂରଣ ରଘୁନାଥଜୀଉ କ୍ଲବ ପକ୍ଷରୁ ୩ୟ ବାର୍ଷିକ ସୁରଥ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ରବିବାର ପୁରଣ ହାଟ ପଡିଆଠାରେ ଅନୁଷ୍ଠିତ ହୋଇଛି। ଏହାକୁ ସରପଞ୍ଚ ସୁଭଦ୍ରା ଭୋଇ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଅଞ୍ଚଳର ୮ଟି ଭଲିବଲ ଟିମ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ଜଗତ୍‌ସିଂହପୁର ଆଶ୍ରମପାଟଣା ଭଲିବଲ୍ ଟିମ ଚଉଁରପୁର ଭଲିବଲ ଟିମକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନ ଉତ୍ସବରେ ଶିକ୍ଷାବିତ ଶ୍ୟାମସୁନ୍ଦର ମିଶ୍ର, ଲିଙ୍ଗରାଜ ମିଶ୍ର, କୃପାସିନ୍ଧୁ ଭୋଇ, ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଚାମ୍ପିୟନ ଟ୍ରଫି ସହ ୫ ହଜାର ଓ ରନର୍ସ ଅପ୍ ଦଳକୁ ସିଲ୍ଡ କପ୍ ସହ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ରେଫରି ନିହାର ରଞ୍ଜନ ମଲ୍ଲିକ ଖେଳ ପରିଚାଳାନା କରିଥିଲେ। କ୍ଲବର ପ୍ରମୋଦ କୁମାର ଦାଶ, ଜୀବନ ଦାଶ, ଭୀମସେନ ଭୋଇ ପ୍ରମୁଖ ଆୟୋଜନ କରିଥିଲେ।

### ଅଳକା ହାଇସ୍କୁଲ ୧୯୮୪ ବ୍ୟାଚ୍‌ର ବନ୍ଧୁମିଳନ

**ବିରିଡ଼ି,୨୧।୧(ଡି.ଏନ.ଏ.):** ବିରିଡ଼ି ବ୍ଲକ ଅଳକା ହାଇସ୍କୁଲର ୧୯୮୪ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ହାଇସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ରୀଛାତ୍ରମାନେ ସେମାନଙ୍କ ତତ୍କାଳୀନ ଗୁରୁ ସତ୍ୟନାରାୟଣ ମିଶ୍ର, ହରିହର ମଲ୍ଲିକ, ଅନାମ ଚରଣ ବେହେରା, ଉପେନ୍ଦ୍ର ମହାପାତ୍ର, ନିରୁପମା ପତି, କୃଷ୍ଣମୋହନ ଦାଶ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ଦାସଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ତତ୍କାଳୀନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଗିରିଧାରୀ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଦିବଂଗତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପାଇଁ ଶୋକ ପ୍ରକାଶ କରାଯାଇଥିଲା। ଅଜୟ କୁମାର ଭୋଇ, ଶୁଭେନ୍ଦୁ ରାୟ, ଲକ୍ଷ୍ମୀପ୍ରସାଦ ବେହେରା, ସରୋଜିନୀ ଦାଶ, ମମତାମୟୀ ସିଂହ, ପ୍ରିୟମ୍ବଦା ସିଂହ, ସୁପ୍ରିୟା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଖର ପଞ୍ଚାୟତରେ ଖୋଲିଲା ଧାନମଣ୍ଡି

**ନାଉଗାଁ,୨୧।୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଶିଖର ସମବାୟ ସମିତି ପକ୍ଷରୁ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମିତିର ସଭାପତି ସୁରେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମ ସେବିକା ସାଗରିକା ବେହେରା, ସମ୍ପାଦକ ମାଧବାନନ୍ଦ ନାୟକ, କ୍ରୟ କମିଟି ସଦସ୍ୟ ଅନାଦି ଚରଣ ବାରିକ, ପ୍ରସନ୍ନ ବେହୁରା, ବିପିନ ସ୍ୱାଇଁ, ପ୍ରଶାନ୍ତ ବିଶ୍ୱାଳ, ଉମେଶ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସମିତିରେ ଚଳିତ ବର୍ଷ ୩୯୨ ଚାଷୀ ନାମ ପଞ୍ଜୀକୃତ କରିଥିବାବେଳେ ୨୦ ହଜାର ୧୬୨ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ସମ୍ପାଦକ ନାୟକ ସୂଚନା ଦେଇଛନ୍ତି।

## ■ ବାହାକୁଦ ଘାଟରେ ବିପଜ୍ଜନକ ନୌଯାତ୍ରା

# ଲୋକ ଦେଖାଣିଆ ଯାଞ୍ଚ କରି ପ୍ରଶାସନ ଚୁପ୍

**ପାରାଦୀପ,୨୧।୧(ସ୍ୱ.ପ୍ର.)**



ବାହାକୁଦ ଘାଟରେ ଲୋକମାନେ ବିପଜ୍ଜନକ ଭାବେ ଡଙ୍ଗାରେ ଯାତାୟାତ କରୁଛନ୍ତି।

■ ଦୁର୍ଘଟଣା ପରେ ବି ଚେତା ପଶୁନି
■ ଗୋଟିଏ ଡଙ୍ଗାରେ ୧୮ ବାଇକ, ୬୦ ଲୋକ
■ ଡଙ୍ଗାରେ ନାହିଁ ସୁରକ୍ଷା ଉପକରଣ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ନିପାଣିଆଠାରେ ଗତ ୨ ତାରିଖରେ ଏକ ଡଙ୍ଗା ବୁଡ଼ି ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସମଗ୍ର ରାଜ୍ୟରେ ଆଲୋଡନ ଖେଳିଯାଇଥିଲା। ଉଭୟ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ସମସ୍ତ ଡଙ୍ଗାର ପଞ୍ଜୀକରଣ ଯାଞ୍ଚ, ସୁରକ୍ଷା ଉପକରଣ ବାଧ୍ୟତାମୂଳକ କରିବା ଓ ବିପଜ୍ଜନକ ଯାତ୍ରା ବନ୍ଦ କରିବା ଆଦି ପ୍ରସଙ୍ଗ ଉଠିଥିଲା। କିନ୍ତୁ ନିପାଣିଆ ଡଙ୍ଗା ବୁଡ଼ି ଘଟଣାକୁ ଇତିମଧ୍ୟରେ ମାସେ ପୂରି ନ ଥିବାବେଳେ ଅବସ୍ଥା ପୂର୍ବଭଳି ହୋଇଛି। ଲୋକେ ପୂର୍ବଭଳି ବିପଜ୍ଜନକ ଭାବେ ଡଙ୍ଗାରେ ଯାତ୍ରା କରୁଛନ୍ତି। ପ୍ରଶାସନ ଲୋକଦେଖାଣିଆ ଯାଞ୍ଚ କରି ଚୁପ୍ ବସିଛି।

କେନ୍ଦ୍ରାପଡ଼ା-ଜଗତ୍‌ସିଂହପୁର ଜିଲାର ଚର୍ଚ୍ଚିତ ବାହାକୁଦ ଘାଟରେ ଏଭଳି ଦେଖିବାକୁ ମିଳିଛି। ଯେଉଁ ଡଙ୍ଗାରେ ସର୍ବାଧିକ ୧୦ଟି ବାଇକ୍ ସହ ୫୦ ଲୋକ ନେବାର କ୍ଷମତା ରହିଛି, ସେଠାରେ ୧୮ରୁ ଊର୍ଦ୍ଧ୍ୱ ବାଇକ ଓ ୬୦ ଲୋକ ଯାତାୟାତ କରୁଛନ୍ତି। ରବିବାର ଅପରାହ୍ନରେ ଇଫ୍‌କୋ ପଛପାଖ ବାହାକୁଦରୁ ଗୋଟିଏ ଡଙ୍ଗା ଏଭଳି ବିପଜ୍ଜନକ ଭାବେ ମହାକାଳପଡ଼ା ସୀମା ବାହାକୁଦକୁ ଯାଇଥିଲା। ଉଲ୍ଲେଖନୀୟ କଥା ହେଲା ଉକ୍ତ ଡଙ୍ଗାରେ କୌଣସି ସୁରକ୍ଷା ଉପକରଣ ନ ଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଘାଟିଆଙ୍କୁ ପଚାରିବାରୁ ସେ ଅତ୍ୟନ୍ତ ହାଲୁକା ଭାବେ କହିଲେ ଯେ ଏମିତି ଚାଲେ। ଆଗକୁ ମଧ୍ୟ ଏଭଳି ଚାଲିବ। ସୂଚନାଯୋଗ୍ୟ, ସେହି ବାହାକୁଦ ଘାଟରେ ୨୦୦୪ ମାର୍ଚ୍ଚ ୧ରେ ଏକ ଡଙ୍ଗା ବୁଡ଼ି ୧୩ ଜଣଙ୍କ ମୃତ୍ୟୁ ହୋଇଥିଲା। ନୂଆଗଡ଼ର ୧୩ ଜଣ ପିଲା କ୍ରିକେଟ ଖେଳିବାକୁ ଯାଉଥିବାବେଳେ ଡଙ୍ଗା ବୁଡ଼ିଯିବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଏକ ପ୍ରସଙ୍ଗ ହେଲା ବାହାକୁଦ ଘାଟ ଦୁଇ ଜିଲାକୁ ସଂଯୋଗ କରୁଥିଲେ ହେଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିଥାଏ। ମହାକାଳପଡ଼ା ବ୍ଲକର ଲୋକମାନେ ଦୈନିକ କାମ ଅନ୍ୱେଷଣରେ ପାରାଦୀପ ଆସୁଥିବାରୁ ଘାଟ ନିଲାମ କେନ୍ଦ୍ରାପଡ଼ା ପ୍ରଶାସନ କରିଥାଏ। ନିଲାମ ଅର୍ଥର ୮୦ ପ୍ରତିଶତ ବାହାକୁଦ ପଞ୍ଚାୟତ ପାଇଥାଏ। ଅବଶିଷ୍ଟ ୨୦ ପ୍ରତିଶତ କୁଜଙ୍ଗ ବ୍ଲକର ନୂଆଗଡ଼ ପଞ୍ଚାୟତକୁ ଯାଇଥାଏ। ଗତ ୨ ତାରିଖ ଡଙ୍ଗାବୁଡ଼ି ଘଟଣା ପରେ ଦୁଇ ଜିଲା ପ୍ରଶାସନ ସେହି ବାହାକୁଦ ଘାଟରେ ଲୋକଦେଖାଣିଆ ଯାଞ୍ଚ କରିଥିଲେ। ଏବେ ସବୁ ଢିଲା ବୋଲି ପାରାଦୀପର ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ଅଭିଯୋଗ ହୋଇଛି। ସଙ୍ଗଠନର ଦେବକଲ୍ୟାଣ ମହାପାତ୍ର, ଅମରେଶ ମଣ୍ଡଳ କୁହନ୍ତି, ଏ ସମ୍ପର୍କରେ ଘାଟର ନାଉରୀ ଓ ଲୋକଙ୍କୁ ଏକାଧିକଥର ଅବଗତ କରିବା ସତ୍ତ୍ୱେ କେହି ସୁଧୁରିବା ମାନସିକତାରେ ନାହାନ୍ତି। ଏହାକୁ ନେଇ ଆଗାମୀ ଦିନରେ ଜନ ଆନ୍ଦୋଳନ କରାଯିବା ସହ ପ୍ରଶାସନକୁ ଲେଖିବୁ ବୋଲି ସେମାନେ କହିଛନ୍ତି।

### ଭାଜପାର ବୁଥସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ବାଲିକୁଦା,୨୧।୧(ସ୍ୱ.ପ୍ର.)**

ବାଲିକୁଦା ଭାଜପା ପକ୍ଷରୁ ମରିଚିପୁର ପଞ୍ଚାୟତର ମା' ବନ୍ଦରେଇଙ୍କ ପୀଠରେ ବୁଥସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଭାଜପା ନେତା ପ୍ରିୟରଞ୍ଜନ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ବୁଥ ସଭାପତି, ପଞ୍ଚାୟତ ପ୍ରମୁଖ, ସହ ପ୍ରମୁଖ, ପଞ୍ଚାୟତ ପ୍ରଭାରୀ, ସହ ପ୍ରଭାରୀ ଯୋଗ ଦେଇଥିଲେ। ନହରଣା ମଣ୍ଡଳର ୮ ପଞ୍ଚାୟତର କର୍ମକର୍ତ୍ତାଙ୍କୁ ଆଗାମି ନିର୍ବାଚନ ପାଇଁ ଦାୟିତ୍ୱ ବଣ୍ଟ କରାଯାଇଥିଲା। ଏଥିରେ ଅତିଥି ଭାବେ ବୋରିକିନା ମଣ୍ଡଳ ସଭାପତି ରଘୁନାଥ ସ୍ୱାଇଁ ଯୋଗଦେଇ ଦଳର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ନେତାଙ୍କୁ ଜିତାଇବା ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ନହରଣା ମଣ୍ଡଳ ପ୍ରତିନିଧି ଟୁକୁନା ରାଉତ, ନାରାୟଣ ବାରିକ, ପ୍ରଦୀପ୍ତ ରାୟ, ନିରଞ୍ଜନ ମହାନ୍ତି, ବିନୋଦ ଜେନା, ରାମଚନ୍ଦ୍ର ପଣ୍ଡା, ସୁନାକର ବିଶ୍ୱାଳ, ସାହାଜୀ ନାୟକ, ଗୋପୀନାଥ ପରିଡା, କୈଳାସ ରାଉତରାୟ, ପ୍ରତାପ ପଣ୍ଡା, ରାଜକିଶୋର ବିଶ୍ୱାଳ, ଅଶୋକ ଜେନା, କିଶୋର ଗୋଛାୟତ, ବାଉରୀବନ୍ଧୁ ରାଉତ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଗଡ଼ିଲା ପାଣି ପଞ୍ଚାୟତ ପକ୍ଷ ରଥ

**ଜଗତ୍‌ସିଂହପୁର ଅଫିସ,୨୧।୧**



ଜିଲାପାଳ ପାଣି ପଞ୍ଚାୟତ ରଥ ଉଦ୍‌ଘାଟନ କରୁଛନ୍ତି।

ପାଣି ପଞ୍ଚାୟତ ପକ୍ଷ ଅବସରରେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲାର ସମସ୍ତ ପଞ୍ଚାୟତରେ ବୁଲି ପାଣିର ଉପାଦେୟତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବ। ବିଶେଷକରି ଜଳ ହିଁ ଜୀବନ, ଜଳ ହିଁ ସମ୍ପଦ ବାର୍ତ୍ତା ଦେବା ସହ ଏହାର ସଂରକ୍ଷଣ ନେଇ ଲୋକଙ୍କୁ ଆହ୍ୱାନ ଦେବ। ପାଣିର ସୁଷମ ବଣ୍ଟନ ନେଇ ପାଣି ପଞ୍ଚାୟତ ଗଠନ କରାଯାଇଛି। ତେଣୁ ଲୋକେ ଏ ସମ୍ପର୍କରେ ଅବଗତ ହୋଇ ତାର ଫାଇଦା ନେବାକୁ ପରାମର୍ଶ ଦିଆଯିବ। ଜିଲାରେ ଥିବା ମାଇନର ଓ ସବ୍‌ମାଇନର୍ କେନାଲଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ କରାଯିବ। ସରକାର ଏସବୁ ନେଇ ଅନୁଦାନର ଅଭାବ ରଖିନାହାନ୍ତି। କିନ୍ତୁ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରୁନି। ତେଣୁ ପାଣି ପଞ୍ଚାୟତଗୁଡ଼ିକ ଅଧିକ ଦାୟିତ୍ୱବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ପାଣି ପଞ୍ଚାୟତଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଶ୍ରେଷ୍ଠ ପାଣି ପଞ୍ଚାୟତ ଚୟନ ପରେ ପୁରସ୍କାର ଦିଆଯିବା ବ୍ୟବସ୍ଥା ରହିଛି। ପଞ୍ଚାୟତ ସଭ୍ୟମାନଙ୍କ ନିମନ୍ତେ ତାଲିମ ଓ କ୍ଷେତ୍ର ପରିଦର୍ଶନର ମଧ୍ୟ ବ୍ୟବସ୍ଥା ରହିଛି । ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାଗୁଡ଼ିକର ସମାଧାନ ହୋଇପାରୁଛି। ତେଣୁ ଏହା ଉପରେ ଧ୍ୟାନ ଦି ଆଯିବ। ଉତ୍ସବରେ ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, କୃଷି ବିଭାଗ ଆଗ୍ରୋନୋମିଷ୍ଟ, ଜଳ ସମ୍ପଦ ବିଭାଗ କର୍ମଚାରୀ, ପାଣି ପଞ୍ଚାୟତର ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

### କଣ୍ଟୁଣିଆ ହାଇସ୍କୁଲର ୧୯୯୬ ବ୍ୟାଚ୍ ବନ୍ଧୁମିଳନ

**ନାଉଗାଁ,୨୧।୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତସ୍ଥିତ କଣ୍ଟୁଣିଆ ହାଇସ୍କୁଲର ୧୯୯୬ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପରମାନନ୍ଦ ମହାପାତ୍ର ମୁଖ୍ୟଅତିଥି, ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାକୁମାରୀ ପଟ୍ଟନାୟକ, ଶିକ୍ଷକ କାଳନ୍ଦୀ ସାହୁ, ପ୍ରଭାତି ମିଶ୍ର, ଗୌରାଙ୍ଗ ନାୟକ, କୁଞ୍ଜ ବିହାରୀ ରାଉତ, ଦାମୋଦର ଭୋଳ, ସାଧୁ ଚରଣ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ଶିଷ୍ୟ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ପୁରାତନ ଛାତ୍ରୀଛାତ୍ର ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ସେମାନେ ଔଷଧୀୟ ବୃକ୍ଷରୋପଣ କରିଥିଲେ। ଦୀପ୍ତିରଞ୍ଜନ ପାଢୀ, ରୁଦ୍ରାଶିଷ୍ୟ ପ୍ରଧାନ, ଦୀପକ ପାତ୍ର, ସୁବଳ ରାଉତ, ବସନ୍ତ ଓଝା, ଅକ୍ଷୟ ସାହୁ, ଅବିନାଶ ପ୍ରଧାନ, ପ୍ରଦୀପ୍ତ ସ୍ୱାଇଁ, ସହଦେବ ଦାସ, ଅଶୋକ ମହାରଣା ପ୍ରମୁଖ ପରିଚାଳନା କରିଥିଲେ।

### କାର-ବୋଲେରୋ ମୁହାଁମୁହିଁ, ୬ ଗୁରୁତର

**ବିରିଡ଼ି,୨୧।୧ (ଡି.ଏନ.ଏ.)**

ବରିଡ଼ି ଥାନା ଅନ୍ତର୍ଗତ ଚାନ୍ଦପୁର ଛକ ନିକଟରେ ରବିବାର ରାତିରେ ଏକ କାର ସହ ବୋଲେରୋ ମୁହାଁମୁହିଁ ଧକ୍କା ହେବା ଫଳରେ ୬ ଜଣ ଗୁରୁତର ହୋଇଛନ୍ତି। ଆଇଆଇସି ରଞ୍ଜିତ କୁମାର ମହାନ୍ତି ପହଁଞ୍ଚି ଆହତଙ୍କୁ ଉଦ୍ଧାରକରି ଡାକ୍ତରଖାନାକୁ ପଠାଇବା ସହ ଉଭୟ ଗାଡିକୁ ଜବତ କରିଛନ୍ତି। ଆହତମାନେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୯ଟାରେ ଜଗତ୍‌ସିଂହପୁରରୁ କଟକ ଅଭିମୁଖେ ଏକ କାର(ନଂ-ଓଡି୦୫ଏମ୧୩୩୬) ଯାଉଥିଲାବେଳେ ବିପରିତ ଦିଗରୁ ଆସୁଥିବା ବୋଲେରୋ (ନଂ ଓଆର୨୧ସି୧୯୪୭) ସହ ମୁହାଁମୁହିଁ ହୋଇଥିଲା। ଏନେଇ ବିରିଡ଼ି ଥାନାରେ ଏକ ମାମଲା ନଂ. ୮/୧୯ରେ ରୁଜୁ ହୋଇଛି। ଗୁରୁତରଙ୍କ ପରିଚୟ ମିଳିନାହିଁ।

# ବଳଦେବଜୀଉ ପୀଠରେ ଦେବାଭିଷେକ

**ଜଗତ୍‌ସିଂହପୁର ଅଫିସ, ୨୧।୧**



ଦେବାଭିଷେକରେ ଉପସ୍ଥିତ ଠାକୁର ରାଜା ଓ ଶ୍ରଦ୍ଧାଳୁମାନେ।

ସୋମବାର ସିଦ୍ଧାଳସ୍ଥିତ ବଳଦେବଜୀଉଙ୍କ ପୀଠରେ ପବିତ୍ର ପୌଷ ପୂର୍ଣ୍ଣିମୀ ଅବସରରେ ଦେବାଭିଷେକ ଓ ରାଜାଭିଷେକ ଉତ୍ସବ ପାଳିତ ହୋଇଛି। ପ୍ରଭାତରୁ ଶ୍ରୀ ଜୀଉମାନଙ୍କ ପ୍ରଭାତ ଆରତୀ, ବେଢା ପରିକ୍ରମା ଆଦି ପୂଜାବିଧି ପୂଜକ ଅରୁଣ କୁମାର ପଣ୍ଡା ଓ ସୁରେନ୍ଦ୍ରନାଥ ଦାଶସର୍ମାଙ୍କ ଦ୍ୱାରା କରାଯାଇଥିଲା। ପରେ ରାଜାଭିଷେକ ଉତ୍ସବ ହୋଇଥିଲା। ଠାକୁର ରାଜା ଭାବେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ କେଶରୀ ଦାସ ଓ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ବଡ ଦାଣ୍ଡରୁ ଶତାଧିକ ସେବକ ସଙ୍କୀର୍ତ୍ତନ ଶୋଭାଯାତ୍ରାରେ ଶ୍ରୀଜୀଉଙ୍କ ଦର୍ଶନ କରିବା ସହିତ ବେଢା ପରିକ୍ରମା କରିଥିଲେ। ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ସଭାପତି କାଳିକିଙ୍କର ଆଚାର୍ଯ୍ୟ, ରାମଚନ୍ଦ୍ର ଦାଶ, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପରିଡ଼ା, ସହ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, କିଶୋର ଚନ୍ଦ୍ର ଦାସ, ଅଭୟ କୁମାର ଦାସ, ତରଙ୍ଗସେନ ପରିଡ଼ା, ଅଜୟ କୁମାର ଦାଶ, ଲିଙ୍ଗରାଜ ରାୟ, ନାରାୟଣ ମହାପାତ୍ର, ଗୋପିନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ବରିଷ୍ଠ ନାଗରିକଙ୍କ ଜୟନ୍ତୀ

**ବିରିଡ଼ି,୨୧।୧(ଡି.ଏନ.ଏ.)**

ଉତ୍ତରଶାସନ ପଞ୍ଚାୟତ ମଧ୍ୟଶାସନ ଗ୍ରାମର ମହାବୀର ଲାଇବ୍ରେରୀ ପକ୍ଷରୁ ସୋମବାର ବରିଷ୍ଠ ନାଗରିକ ବିଷ୍ଣୁ ଚରଣ ମିଶ୍ର ଓ ମକରମୋହନ ସାହୁଙ୍କ ୭୩ ତମ ଜୟନ୍ତୀ ପାଳିତ ହୋଇଛି। ଲାଇବ୍ରେରୀର ସଭାପତି ଅକ୍ଷୟ କୁମାର ବ୍ରହ୍ମାଙ୍କ ପୌରୋହିତ୍ୟରେ ଶିକ୍ଷାଗୁରୁ ଉତ୍ତମ କୁମାର ଦାଶ ମୁଖ୍ୟଅତିଥି, ଆଷାଢ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର ମୁଖ୍ୟବକ୍ତା, ପଣ୍ଡିତ ସୁବୋଧ ଚନ୍ଦ୍ର ବ୍ରହ୍ମା, ଧନଞ୍ଜୟ ବ୍ରହ୍ମା, ଚନ୍ଦ୍ରମଣୀ ଦାଶ, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

### କୁଜଙ୍ଗ ଏଡିଜେଙ୍କୁ ଓକିଲ ସଂଘର ସମ୍ବର୍ଦ୍ଧନା



ଓକିଲ ସଂଘ ପକ୍ଷରୁ ଏଡିଜେ ପ୍ରଣବ କୁମାର ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କୁଜଙ୍ଗ,୨୧।୧(ସ୍ୱ.ପ୍ର.)**

ରବିବାର କୁଜଙ୍ଗଠାରେ ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତ ଉଦ୍‌ଘାଟିତ ହୋଇଥିବାବେଳେ ସୋମବାର କୁଜଙ୍ଗ ଓକିଲ ସଂଘ ପକ୍ଷରୁ ନୂତନ ଭାବେ କାର୍ଯ୍ୟଭାର ବହନ କରିଥିବା ଏଡିଜେ ପ୍ରଣବ କୁମାର ରାଉତରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବାହ୍ନରେ ନୂତନ କୋର୍ଟ ଗୃହକୁ ଯିବାବେଳେ ଓକିଲ ସଂଘ ସଭାପତି ଏଏନଡି ଯାଦବଙ୍କ ନେତୃତ୍ୱରେ ଓକିଲମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ସିଭିଲଜଜ୍ ସିନିୟର ଡିଭିଜନ ଅଭିଳାଷ ସେନାପତି, ସିଭିଲଜଜ୍ ଜୁନିୟର ଡିଭିଜନ ଅମିତାଭ ପଣ୍ଡା, ଜେଏମଏଫସି ସୁଶ୍ରୀ ମାମି ବେହେରା ମଧ୍ୟ ଶୁଭେଚ୍ଛା ଜଣାଇ ମାର୍ଗଦର୍ଶନ କାମନା କରିଥିଲେ। ଆଇନଜୀବୀ ଅମୃତ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ସଂଘ ଉପସଭାପତି ଦାମୋଦର ସ୍ୱାଇଁ, ଭାରତଭୂଷଣ ଦାସ, ସୁଶାନ୍ତ ପଟ୍ଟନାୟକ, ରମେଶ ଦାସ, ନୃସିଂହ ପ୍ରଧାନ, ଚୈତନ୍ୟ ମହାପାତ୍ର, ମାନ୍ତା ସାହଜୀ, ଅର୍ଜ୍ଜୁନ ନାୟକ, ନଳିନୀ ରଞ୍ଜନ ଦାସ, ସୁରେଶ ଦାସ, ଫେଲୁ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

# ମକରଧ୍ୱଜ ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡ଼ା

**ଏରସମା,୨୧।୧(ସ୍ୱ.ପ୍ର.)**

ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତର ଓରନାଳ ଗ୍ରାମସ୍ଥିତ ମକରଧ୍ୱଜ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ୧୯ ତାରିଖରୁ ଆରମ୍ଭ ହୋଇ ସୋମବାର ଉଦ୍‌ଯାପିତ ହୋଇଛି। ଏରସମା ତହସିଲଦାର ଅଞ୍ଜଳି ତରାଇ କ୍ରୀଡା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ସ୍କୁଲ ଚେୟାରମ୍ୟାନ ରବୀନ୍ଦ୍ରନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ତହସିଲଦାର ତରାଇ ମୁଖ୍ୟ ଅତିଥି, ଶିଳ୍ପ ତାଲିମ କେନ୍ଦ୍ରର ଚେୟାରମ୍ୟାନ ମହେଶ୍ୱର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ସ୍ୱର୍ଣ୍ଣପ୍ରଭା ଅକଲ, ତୃପ୍ତିମୟୀ ସ୍ୱାଇଁ, ହରେକୃଷ୍ଣ ଦଲାଇ, ଗୌରକିଙ୍କର ମହାପାତ୍ର, ସଞ୍ଜୁକ୍ତା ନାୟକ, କୃଷ୍ଣପ୍ରିୟା ନାୟକ, ମୀରା ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



କ୍ରୀଡ଼ା ଉତ୍ସବ ଉଦ୍‌ଯାପନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

# ନାରୀ ଶୃଙ୍ଖଳିତ ହେଲେ ବ୍ୟଭିଚାର ଦୂରହେବ

**ବାଲିକୁଦା,୨୧।୧(ସ୍ୱ.ପ୍ର.)**





ଉତ୍ସବରେ ଉପସ୍ଥିତ ଏମ୍‌ପି କୁଳମଣି ସାମଲ, ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟ ଅତିଥିମାନେ।

ନାରୀ ଶୃଙ୍ଖଳିତ ହେଲେ, ସମାଜରୁ ବ୍ୟଭିଚାର ଦୂର ହେବ। ଜଣେ ଶୃଙ୍ଖଳିତ ମା' ନିଜ ପରିବାର ଗଠନରେ ଗୁରୁଦାୟିତ୍ୱ ବହନ କରେ ବୋଲି ସୋମବାର ବାଲିକୁଦା ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଏମ୍‌ପି ଡା. କୁଳମଣି ସାମଲ ମୁଖ୍ୟଅତିଥି, ଡିଏଲସି ପୁଷ୍ପମିତ୍ରା ମହାନ୍ତି ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ମହାବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଜଗତ୍‌ପ୍ରସାଦ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ମହାବିଦ୍ୟାଳୟର ଛାତ୍ରୀ ବିଶ୍ରାମାଗାର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ଯୁକ୍ତ ୨ ଜୁନିୟର କଲେଜ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଡିଗ୍ରୀ କଲେଜ ଅଧ୍ୟକ୍ଷା ତନୁଜାବାଳା କାନୁନଗୋ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀ ରାଜନନ୍ଦିନୀ ସାହୁ କଲେଜର ଦାବିପତ୍ର ଉପସ୍ଥାପନ କରିଥିଲେ। କଲେଜର ବାର୍ଷିକ ପତ୍ରିକା 'ତେଜସ୍ୱିନୀ' ଅତିଥିଙ୍କ ଦବାରା ଉନ୍ମୋଚିତ ହୋଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ଦେଇ ପୁରସ୍କୃତ କରିଥିଲେ। ସାମାଜିକ କର୍ମୀ ନିର୍ମଳ କାନୁନ୍‌ଗୋ ନିଜ ମା'ଙ୍କ ସ୍ମୃତିରେ ସାହିତ୍ୟରେ ସବୁଠୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଯୁକ୍ତ ୨ ଓ ଯୁକ୍ତ ୩ କଲେଜର ଜଣେ ଲେଖାଏଁ ଛାତ୍ରୀଙ୍କୁ ୧ ହଜାର ଟଙ୍କା ଲେଖାଏ ପୁରସ୍କାର ଦେଇଥିଲେ। ଅଧ୍ୟାପିକା ନିଳିମା ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ବାଇକ୍ ଧକ୍କାରେ ଯୁବକ ମୃତ

## ମା’, ସାନଭାଇ ଗୁରୁତର



ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

**ରଘୁନାଥପୁର, ୨୧।୧(ଡି.ଏନ.ଏ.)**

ଘନ କୁହୁଡି ସାଜିଲା କାଳ। ଭାରସାମ୍ୟ ହରାଇ ଗଛରେ ପିଟି ହେଲା ବାଇକ୍। ଚାହୁଁ ଚାହୁଁ ଘଟଣାସ୍ଥଳରେ ମା’ ଓ ସାନ ଭାଇଙ୍କ ଆଖି ଆଗରେ ଚାଲିଗଲା କଲେଜ ପଢୁଆ ବଡ ପୁଅର ଜୀବନ। ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ତିର୍ତ୍ତୋଲ ଥାନା ଜଇପୁର-ଜଗତ୍‌ସିଂହପୁର ରାସ୍ତାର ରାହାଡିଙ୍ଗା ବଜାର ନିକଟରେ। ମୃତକ କଲେଜ ଛାତ୍ର ହେଲେ ଏହି ଥାନା ଅନ୍ତର୍ଗତ କୃଷ୍ଣାନନ୍ଦପୁର ପଞ୍ଚାୟତର ନଦାମହଲା ଦଣ୍ଡାସାହିର ମିର ଏବାର ଅହମ୍ମଦଙ୍କ ପୁଅ ମିର ଆରିଫ। ସେ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ କମର୍ସ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର। ସୋମବାର ଭୋରୁ ସ୍କୁଟିରେ ନିଜ ମା’ଓ ସାନଭାଇଙ୍କୁ ବସାଇ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସିତ ହେଉଥିବା ସମ୍ପର୍କୀୟଙ୍କୁ ଦେଖିବାକୁ ଯାଉଥିଲେ। ଘନ କୁହୁଡିରେ ବାଟ ସ୍ପଷ୍ଟ ଭାବେ ଜଣାପଡୁ ନ ଥିଲା। ହଠାତ୍ ରାହାଡିଙ୍ଗା ବଜାର ନିକଟରେ କାମ ହେବାକୁ ଥିବା ରାସ୍ତା ପାର୍ଶ୍ୱ ଖାଲରେ ସ୍କୁଟି ଚକ ଖସିଯିବାରୁ ଆରିଫ ନିୟନ୍ତ୍ରଣ ହରାଇ ବସିଥିଲେ। ପଛରେ ବସିଥିବା ମା’ ଖସିପଡିବାରୁ ସମ୍ମୁଖରେ ଥିବା ଏକ ଗଛରେ ସ୍କୁଟି ପିଟି ହୋଇଯାଇଥିଲା। ଫଳରେ ଆରିଫଙ୍କ ମୁଣ୍ଡ ଗଛରେ ପିଟି ହୋଇଯିବାରୁ ଗୁରୁତର ହୋଇପଡିଥିଲେ। ଏଥିରେ ମା’ ସରଫୁନ୍ ବିବି ଓ ସାନଭାଇ ମିର ଆକିଫ୍ ଅହମ୍ମଦ(୧୫) ଗୁରୁତର ହୋଇଥିଲେ। ଏହାପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ୧୦୯ ଆମ୍ବୁଲାନ୍ସ ଯୋଗେ ମା’ ଓ ୨ ପୁଅଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଡାକ୍ତର ଆରିଫଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ଥିବା ମା’ ସରଫୁନ୍ ଓ ସାନଭାଇ ଆକିଫ୍‌ଙ୍କୁ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ଲାଗି ପଠାଇ ଦିଆଯାଇଛି। ଏପଟେ ପୋଲିସ ଆସି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଆରଆଣ୍ଡବି ବିଭାଗ ପକ୍ଷରୁ ତୁରନ୍ତ ରାସ୍ତା କାର୍ଯ୍ୟ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଆରିଫ୍‌ଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଦୁଃଖଦ ଖବର ଶୁଣିବା ପରେ ଜୁନିୟର କଲେଜ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋକସଭା କରାଯିବା ସହ କଲେଜ ବନ୍ଦ ରହିଥିଲା।




ଓଁ ଶ୍ରୀ ଗୁରୁ ଶରଣଂ



ଓ ସ୍ୱର୍ଣ୍ଣଲତା ପଟ୍ଟନାୟକ
ସା- ବଳାରାମପୁର, ପୋ/ଥା- କୁଜଙ୍ଗ, ଜି- ଜଗତ୍‌ସିଂହପୁର
ଆବିର୍ଭାବ- ୧୯୩୧ ମସିହା
ତିରୋଧାନ- ତା୧୨।୦୧।୨୦୧୯ରିଖ

ଆପଣ ଥିଲେ ଦୟାର୍ଦ୍ରର ଦେବକୀ, ଆମ ସମସ୍ତଙ୍କ ପାଇଁ ବିଶ୍ୱାସର ବଟିଘର ଏବଂ ଏକ ଯୌଥ ପରିବାରର ଯଥାର୍ଥ ମୁରବୀ। ଆମ ଚଲାପଥରେ ଆପଣଙ୍କ ସ୍ମୃତି ସଦା ସ୍ମରଣୀୟ ଓ ଅନୁଭୂତି ପ୍ରେରଣାଦାୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମିତ୍ତ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଐକାନ୍ତିକ ପ୍ରାର୍ଥନା।

**ଶୋକାଭିଭୂତ**

**ପୁତ୍ର-** ସରୋଜ, ସନ୍ତୋଷ, ସୁବୋଧ, ସୁଶାନ୍ତ, ସଂଗ୍ରାମ ଓ ସଞ୍ଜୀବ
**ପୁତ୍ରବଧୂ-** ଲୀନା, ଏଲି, ମିଲି, ମିନୁ, ଲିତା ଓ ଲୁସି
**ନାତି ଓ ନାତୁଣୀ-** ସୌମେନ, ସ୍ୱପ୍ନେଶ, ଶୈଳେଶ, ସମରେଶ, ସଂଭବ, ଗୁଡି, ଲାଡି, କିଡି, ସୁଜିତ୍, ସୁବ୍ରତ ଓ ଅନ୍ୟାନ୍ୟ ଶୋକ ସନ୍ତପ୍ତ ସହୃଦବୃନ୍ଦ








❝ ଅତି ଘର୍ଷଣ ଫଳରେ ଚନ୍ଦନ କାଷ୍ଠରୁ ମଧ ଅଗ୍ନି ବାହାରେ। ସେହିପରି ଜ୍ଞାନୀମାନଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କଲେ ସେମାନଙ୍କ ହୃଦୟରୁ କ୍ରୋଧଜାତ ହୁଏ।

- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ନିମ୍ନମାନର ଷ୍ଟାଡିୟମ କାର୍ଯ୍ୟ ନେଇ ଅଭିଯୋଗ
### କାର୍ଯ୍ୟାନୁଷ୍ଠାନ ଦାବି କଲେ ସରପଞ୍ଚ

କୋରେଇ,୨୧।୧(ସ୍ୱ.ପ୍ର.)- କୋରେଇ ବ୍ଲକ ଜହ୍ନା ପଞ୍ଚାୟତର ଛୋଟରାୟପୁରଠାରେ ଷ୍ଟାଡିୟମ କାମ ନିମ୍ନମାନର କରାଯାଉଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ବିଡିଓଙ୍କୁ ପତ୍ର ଲେଖିଛନ୍ତି ସରପଞ୍ଚ ଭାଗ୍ୟଶ୍ରୀ ମଲ୍ଲିକ। ରାଜ୍ୟସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଓ ଆମ ଗାଁ ଆମ ବିକାଶ ଅର୍ଥରେ ନିର୍ମିତ ହୋଇଥିବା ଷ୍ଟାଡିୟମରୁ ଟାଇଲ ଖସିବା ଆରମ୍ଭ ହେଲାଣି। ଟାଇଲ ଖସିବା ଯୋଗୁ ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି।

### ଟ୍ୟାପ୍ ଭାଙ୍ଗୁଛନ୍ତି ଯୁବକ: ଥାନାର ଦ୍ୱାରସ୍ଥ ହେଲେ ମହିଳା

କୋରେଇ,୨୧।୧(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ଅନ୍ଧାରୀ ପଞ୍ଚାୟତ ଆମ୍ବୁଲପୁରା ଗ୍ରାମର ଜଣେ ଯୁବକ ବାରମ୍ବାର ସରକାରୀ ପାଣି ଟ୍ୟାପ୍ ଭାଙ୍ଗୁଥିବା ବେଳେ ସୋମବାର ପୁନଶ୍ଚ ଏପରି କରିବାରୁ ଉକ୍ତ ସାହିର ମହିଳାମାନେ କୋରେଇ ଥାନାରେ ଅଭିଯୋଗ କରିଛନ୍ତି। କିଛିଦିନ ତଳେ ତାଙ୍କ ବିରୋଧରେ ବ୍ଲକ ଯୋଗାଣ ବିଭାଗ ପକ୍ଷରୁ କୋରେଇ ଥାନାରେ ଅଭିଯୋଗ ହୋଇଥିଲା। ପ୍ରକାଶ ଯେ, ସମ୍ପୃକ୍ତ ଯୁବକ ଟ୍ୟାପ୍ ଭାଙ୍ଗୁଥିବାରୁ ସାହି ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏ ନେଇ ସାହିର ମହିଳା ମାନେ ପ୍ରତିବାଦ କରିବାରୁ ସେମାନଙ୍କୁ ହତ୍ୟା ଧମକ ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ଯାଜପୁରରୋଡ,୨୧।୧(ନି.ପ୍ର.)- ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୋମବାର ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧକ୍ଷ ହେମନ୍ତ କୁମାର ରାଉତ ଆନୁଷ୍ଠାନିକ ଭାବେ ଶିବିର ଉଦ୍‌ଘାଟନ କରିଥିଲେ। ସରସ୍ୱତୀ ପତି ଓ ସୁନୀତା ଦାସ ପ୍ରଶିକ୍ଷିକା ଭାବେ ଯୋଗଦେଇ ବାଳିକାମାନେ କିପରି ନିଜର ସୁରକ୍ଷା କରିପାରିବେ, ସେ ନେଇ ବିଭିନ୍ନ କୌଶଳ ଶିଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ସଚ୍ଚିଦାନନ୍ଦ ତ୍ରିପାଠୀ, ପୂର୍ବତନ ସଂଯୋଜକ ସନାତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ନିରଞ୍ଜନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲାସ୍ତରୀୟ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

କୋରେଇ,୨୧।୧(ସ୍ୱ.ପ୍ର.)- ଯାଜପୁର ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ସ୍ଥାନୀୟ ମା' ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବାଇଧର ଦାସ ଅଧକ୍ଷତା କରିଥିଲେ। ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ଓ ଶିକ୍ଷା ସହାୟକଙ୍କ ସମସ୍ୟା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ପ୍ରାଥମିକ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ସିଟିରୁ ଯୁକ୍ତ ୨ ସିଟିକୁ ଉତ୍ତୀର୍ଣ୍ଣ କରିଥିଲେ ମଧ ସେମାନଙ୍କ ଦରମା ଓ ଆନୁସଙ୍ଗିକ ଭତ୍ତାକୁ ବୃଦ୍ଧି କରିନାହାନ୍ତି। ଶିକ୍ଷା ସହାୟକଙ୍କ ଦରମାର ୨୫ ପ୍ରତିଶତ ବୃଦ୍ଧି ପ୍ରସଙ୍ଗରେ ସରକାର ଅଣଦେଖା କରୁଛନ୍ତି ବୋଲି ଉପସ୍ଥିତ ଶିକ୍ଷକ ଉଦ୍‌ବେଗ ପ୍ରକାଶ କରିଥିଲେ। ଏତଦବ୍ୟତୀତ ପ୍ରାଥମିକ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି କରୁନାହାନ୍ତି। ପ୍ରମୋଦ ମଲ୍ଲିକ, ନିତ୍ୟାନନ୍ଦ ମଲ୍ଲିକ, ପ୍ରଭାକର ଜେନା, କିଶୋର ଚନ୍ଦ୍ର ପୋଥାଳ, ଜମ୍ବୁନାଥ ମଲ୍ଲିକ, କ୍ଷୀରୋଦ ଜେନା, ବିଭୂତି ରଣା ଏବଂ ରାଜ୍ୟ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ପ୍ରବୀଣ କୁମାର ଦାସ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନା କରିଥିଲେ।

### ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦଶରଥପୁର,୨୧।୧(ଡି.ଏନ୍.ଏ.)- ଦଶରଥପୁର ବ୍ଲକ୍‌ସ୍ଥିତ ଦଶରଥପୁର ଗୁରୁକୂଳ କରୁଣାକର ବେଦ ସଂସ୍କୃତ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ପରିସରରେ ୧୨ ଦିନ ଧରି ଚାଲିଥିବା ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧକ୍ଷ ରତିକାନ୍ତ ପତି ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ସରପଞ୍ଚ କେଦାର ନାରାୟଣ ପରିଡ଼ା ମୁଖ୍ୟ ଅତିଥି,ଦଶରଥପୁର ସମିତି ସଭ୍ୟ ମହେଶ୍ୱର ସାହୁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ନିଜର ଆତ୍ମସୁରକ୍ଷା ପାଇଁ ତାଲିମ ଗ୍ରହଣ କରିବା ନିତାନ୍ତ ଆବଶ୍ୟକ ବୋଲି ଛାତ୍ରୀଙ୍କୁ କହିଥିଲେ। ତାଲିମ ଶିବିର ସଂଯୋଜକ ଅଧାପକ ଉପେନ୍ଦ୍ର କୁମାର ମଲ୍ଲିକ, ଅଧାପିକା ପ୍ରୀତିଛନ୍ଦା ମଲ୍ଲିକ, ଅଧାପକ ପ୍ରଦୀପ୍ତ କୁମାର ଦାସ, ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାୟ ୨୬ ଜଣ ଛାତ୍ରୀ ଶିବିରରେ ଯୋଗଦେଇ ତାଲିମ ଗ୍ରହଣ କରିଥିବାବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍‌ଓସି ବାତିଲ ପରେ ମଧ ଚାଲିଛି ଏଏନ୍‌ଏମ୍ ତାଲିମ କେନ୍ଦ୍ର
# ଅନ୍ଧାରରେ ଛାତ୍ରୀଙ୍କ ଭବିଷ୍ୟତ

- ୨୦୧୭ ଜୁଲାଇ ୧୪ରେ ବାତିଲ କରାଯାଇଥିଲା ଏନ୍‌ଓସି
- ସରକାରୀ ନିୟମକୁ ବେଖାତିର କରାଯାଇଥିବା ଅଭିଯୋଗ
- ବେଆଇନ କାର୍ଯ୍ୟ ବନ୍ଦ ପାଇଁ ନିବେଦନ କରିଛନ୍ତି ମ୍ୟାନେଜିଂ ଟ୍ରଷ୍ଟି

ଚଣ୍ଡିଖୋଲ,୨୧।୧(ଡି.ଏନ.ଏ.)

ବଡ଼ଚଣାଠାରେ ଚାଲୁଥିବା ମଦର ଟେରେସା ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ର(ଏ.ଏନ.ଏମ.)ର ଏନଓସି ବାତିଲ ହୋଇଯାଇଥିଲେ ମଧ ବେଆଇନ ଭାବେ ଅର୍ଥ ଆଦାୟ କରାଯାଇ ଛାତ୍ରୀଙ୍କୁ ନାମ ଲେଖାଇବା ପାଇଁ ମସୁଧା କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ପ୍ରଲୋଭିତ ହୋଇଥିବା ଛାତ୍ରୀଙ୍କ ଭାଗ୍ୟ ଓ ଭବିଷ୍ୟତ ଅନ୍ଧକାରମୟ ହୋଇଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ୨୦୧୭ ଜୁଲାଇ ୧୪ଠାରୁ ଏହି ତାଲିମ କେନ୍ଦ୍ରର ଏନଓସି ବାତିଲ ପାଇଁ ରାଜ୍ୟ ନର୍ସିଂ ନିର୍ଦ୍ଦେଶକ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେବା ସହ ଛାତ୍ରୀମାନେ ଉକ୍ତ ତାଲିମ କେନ୍ଦ୍ରରେ ନାମ ଲେଖାଇ ପାରିବେ ନାହିଁ ବୋଲି କହିଥିଲେ।




ଏହି ମଦର ଟେରେସା ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟ ତାଲିମ କେନ୍ଦ୍ର ସମ୍ପାଦକ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରିଚାଲିଥିବା ଉକ୍ତ ତାଲିମ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ଉଦୟ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ତାଲିମ କେନ୍ଦ୍ରର ଏନ୍‌ଓସି ବାତିଲ ପରେ ଟ୍ରଷ୍ଟି ସାହୁ ୨୦।୧୧।୨୦୧୭ରେ ଟ୍ରଷ୍ଟକୁ ଭାଙ୍ଗିଦେଇଥିଲେ। ଫଳରେ ଟ୍ରଷ୍ଟ ଅଧୀନରେ ଚାଲୁଥିବା ତାଲିମ କେନ୍ଦ୍ର ବନ୍ଦ ହୋଇଯିବା କଥା। ହେଲେ ଏ ସମସ୍ତ ତଥ୍ୟକୁ ଗୋପନ ରଖି ଜଣେ ବ୍ୟକ୍ତି ବେଆଇନ ଭାବେ ତାଲିମ କେନ୍ଦ୍ର ଚଲାଇ ଛାତ୍ରୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ଉଦୟ ଅଭିଯୋଗ କରିଛନ୍ତି। ଏହା ଜଣାପଡ଼ିବା ପରେ ସେ ଏପରି ବେଆଇନ କାର୍ଯ୍ୟର ତନଖି କରି କାର୍ଯ୍ୟାନୁଷ୍ଠାନ ପାଇଁ ଇଣ୍ଡିଆନ୍ ନର୍ସିଂ କାଉନସିଲ ଓ ରାଜ୍ୟ ସରକାରଙ୍କୁ ପତ୍ର ଲେଖିଥିଲେ। ଟ୍ରଷ୍ଟି ସାହୁଙ୍କ ଅଭିଯୋଗ ମିଳିବା ପରେ ରାଜ୍ୟ ନର୍ସିଂ ନିର୍ଦ୍ଦେଶକ ବି.ବି. ମହାପାତ୍ରଙ୍କ ନେତୃତ୍ୱରେ ଏକ ୬ ଜଣିଆ ଉଚ୍ଚସ୍ତରୀୟ ତଦନ୍ତକାରୀ ଟିମ୍ ଉକ୍ତ କେନ୍ଦ୍ରକୁ ଆସି ତନଖି କରିବା ପରେ ୨୦୧୭ ମେ ୧୯ରେ ସରକାରଙ୍କୁ ତଦନ୍ତ ରିପୋର୍ଟ ଦେଇଥିଲେ। ଆଇଏନସିର ଗୁରୁତ୍ୱପୂର୍ଣ୍ଣ ୧୩ଟି ସର୍ତ୍ତକୁ ଉକ୍ତ ସଂସ୍ଥା ସମ୍ପୂର୍ଣ୍ଣ ଖିଲାପ କରିଥିବାରୁ ଏନଓସି ବାତିଲ କରିବା ପାଇଁ ସରକାରଙ୍କୁ ସୁପାରିସ କରିଥିଲେ। ଏସବୁ ସତ୍ତ୍ୱେ ଜଣେ ବ୍ୟକ୍ତି ନିଜକୁ ଉକ୍ତ ସଂସ୍ଥାର ସମ୍ପାଦକ ଭାବେ ଅଭିହିତ କରି ପୁନର୍ବାର ଛାତ୍ରୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ସେମାନଙ୍କୁ ଚଳିତ ଶିକ୍ଷା ବର୍ଷରେ ପରୀକ୍ଷା ଦେଇପାରିବେ ବୋଲି ମିଥ୍ୟା ପ୍ରଲୋଭନ ଦେଖାଉଥିବା ଉଦୟ ଅଭିଯୋଗ କରିଛନ୍ତି। ଏପରିକି ପୂର୍ବରୁ ଅନେକ ଜାଲିଆତି ନେଇ ଉକ୍ତ ସଂସ୍ଥା ବିରୋଧରେ ରାଜ୍ୟ କ୍ରାଇମବ୍ରାଞ୍ଚ ୨୦୧୩ଠାରୁ (୧୮/୧୩) ଏକ ମାମଲା ରୁଜୁ କରି ତା'ର ଚାର୍ଜଶିଟ ଦାଖଲ କରିଥିବା ଟ୍ରଷ୍ଟି ସାହୁ ପ୍ରକାଶ କରିଛନ୍ତି। ଏଥିସହ ସ୍ଥାନୀୟ ବଡ଼ଚଣା ଥାନାରେ ଉକ୍ତ ବେଆଇନ କାର୍ଯ୍ୟ ବିରୋଧରେ ସେ ଏତଲା ଦାଏର କରିଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା କହିଛନ୍ତି। ଅପରପକ୍ଷରେ ଏ ସଂକ୍ରାନ୍ତୀୟ ସମସ୍ତ କୋର୍ଟ ନିର୍ଦ୍ଦେଶର କପି ଓ କାଗଜାତ ସେ ଗଣମାଧମ ନିକଟରେ ଦର୍ଶାଇବା ସହ ଉକ୍ତ ସଂସ୍ଥା ଓ ଏହାକୁ ଚଳାଉଥିବା ବ୍ୟକ୍ତିଙ୍କ ବିରୋଧରେ ସ୍ଥାନୀୟ ପୋଲିସ ପ୍ରଶାସନ ଯଥାଶୀଘ୍ର ଫୌଜଦାରି ମାମଲା ରୁଜୁ କରିବା ସହ ଏପରି ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ତାଲିମ କେନ୍ଦ୍ର ସମ୍ପାଦକ ଉଲ୍ଲାସ କୁମାର ସାହୁଙ୍କୁ ପଚାରିବାରେ, ତାଙ୍କର କାଗଜପତ୍ର ଠିକ୍ ଅଛି। ହାଇକୋର୍ଟରେ ମାମଲା ଚାଲିଛି। ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ ବୋଲି କହିଥିଲେ।

### ବରୀ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ରତ୍ନଗିରି,୨୧।୧(ଡି.ଏନ୍.ଏ.)

ବରୀ ସାହିତ୍ୟ ସଂସଦର ୧୦ମ ବାର୍ଷିକୋତ୍ସବ ଓ ବରିଶ୍ରୀର ଲୋକାର୍ପଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଆଶୁତୋଷ ପରିଡା ସଭାପତିତ୍ୱ କରିଥିଲେ। ବିଶିଷ୍ଟ କଥାକାର ରାଜକିଶୋର ଦାସ ମୁଖ୍ୟଅତିଥି, କବୟିତ୍ରୀ ସୁଚେତା ମିଶ୍ର ମୁଖ୍ୟବକ୍ତା ଏବଂ ଅନୁବାଦିକା କନକ ମଞ୍ଜରୀ ପଟ୍ଟନାୟକ ସମ୍ମାନିତ ବକ୍ତାଭାବେ ଯୋଗଦେଇ ଧୀରେ ଧୀରେ ଓଡ଼ିଆ ସାହିତ୍ୟ ପ୍ରତି ଭଲପାଇବା କମିବାରେ ଲାଗିଛି। ତେଣୁ ସମସ୍ତେ ଭାଷାର ସୁରକ୍ଷା ଦିଗରେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ଉତ୍ସବରେ ଶିଶୁ ସାହିତ୍ୟିକ ଅଜୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଶ୍ରୀର ସମ୍ପାଦକ ସୁମନ୍ତ କୁମାର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ 'ବରିଶ୍ରୀ', କବି ନିରଦ ଚନ୍ଦ୍ର ଜେନାଙ୍କ କବିତା ପୁସ୍ତକ 'ବଉଳ ବେଣୀ', କବି ନିର୍ମଳ କୁମାର ଗିରିଙ୍କ 'ଚାଲ ଯିବା ସୁଖ ଖୋଜି' ପୁସ୍ତକକୁ ଉନ୍ମୋଚନ କରିଥିଲେ । ଶେଷରେ ଅଧାପକ ଗିରିଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ ।

## ସିହା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ
# ଅଧାରୁ କାର୍ଯ୍ୟକ୍ରମ ବନ୍ଦକଲେ ଅଧିକାରୀ

ଚଣ୍ଡିଖୋଲ,୨୧।୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଞ୍ଚାୟତରେ ରବିବାର ଦ୍ୱିତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ହେବାର କିଛି ସମୟ ପରେ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଅଧାରୁ କାର୍ଯ୍ୟକ୍ରମ ବନ୍ଦ କରି ବ୍ଲକ ଅଧିକାରୀମାନେ ପଳାଇ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ମିଶନ ଶକ୍ତିର ବ୍ଲକସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ସଭା ଆରମ୍ଭ ହେବା ପରେ ଉକ୍ତ ପଞ୍ଚାୟତର କେତେଜଣ ଯୁବକ ଓ ମହିଳା ପିଠା କାର୍ଯ୍ୟକ୍ରମ କ'ଣ ବୋଲି ଜାଣିବା ପାଇଁ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରିବା ଓ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ପିଠା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅଧିକାରୀମାନେ ଉତ୍ତର ଦେଇଥିଲେ। ତାଙ୍କ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହେଉନାହିଁ ବୋଲି ଉପସ୍ଥିତ କେତେଜଣ ଯୁବକ ପାଲଟା ଉତ୍ତର ଦେବା ସହ କାର୍ଯ୍ୟକ୍ରମ ବାତିଲ କରାଯାଉ ବୋଲି କହିଥିଲେ। ବହୁ ଗରିବ ଲୋକଙ୍କୁ ରାଶନକାର୍ଡ଼, ଆବାସ ଯୋଜନା ମିଳି ନ ଥିବା ବେଳେ ଦୀର୍ଘଦିନ ଧରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ପ୍ରଥମେ ସେସବୁର ସମାଧାନ କରାଯାଉ, ପରେ ପିଠା କାର୍ଯ୍ୟକ୍ରମ ହେବ। ବିଡିଓଙ୍କ ସହ ଆଲୋଚନା କରାଯାଇ ସମାଧାନର ବାଟ ବାହାର କରାଯିବ ବୋଲି କହି ଅଧିକାରୀମାନେ ଚାଲିଯାଇଥିଲେ। ସେହିପରି ଚମ୍ପାପୁର ପଞ୍ଚାୟତର ପିଠା କାର୍ଯ୍ୟକ୍ରମରେ ଶାସକ ଦଳର କିଛି ନେତା ମଞ୍ଚ ଉପରେ ବସିଥିଲେ। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିଲା ବେଳେ ଦଳୀୟ ନେତା କିଭଳି ମଞ୍ଚ ଉପରେ ବସୁଛନ୍ତି, ସେ ନେଇ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଉଦୟନାଥ ସାହୁ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ, ପ୍ରଥମ ପର୍ଯ୍ୟାୟରେ କୌଣସି ଅଧିକାରୀ ଯୋଗ ଦେଇ ନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୩ ଜଣ ଅଧିକାରୀ ଯୋଗ ଦେଇଥିବାରୁ କେତେଜଣ ଲୋକ ଉଦେଶ୍ୟମୂଳକ ଭାବେ କାର୍ଯ୍ୟକ୍ରମ କରାଇ ଦେଉନାହାନ୍ତି। ଚମ୍ପାପୁର ସଭାରେ ଦଳୀୟ କର୍ମକର୍ତ୍ତା ଯୋଗଦେଇଥିବା ତାଙ୍କ ନଜରକୁ ଆସିନାହିଁ। ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି ସେ କହିଥିଲେ।

### ଶ୍ରୀଅରବିନ୍ଦଙ୍କ ଦେହାଂଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଯାଜପୁରରୋଡ,୨୧।୧(ନି.ପ୍ର.)

ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ମୁଣ୍ଡମାଳ ଯାଜପୁରରୋଡ ଶାଖା ପକ୍ଷରୁ ଶ୍ରୀଅରବିନ୍ଦ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଶ୍ରୀଅରବିନ୍ଦଙ୍କ ଦେହାଂଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶ୍ରୀଅରବିନ୍ଦ ଯୁବ ଶିବିର ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟର ମୁଖ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରତିହାରୀ ଶିବିର ପରିଚାଳନା କରିଥିଲେ। ମନ୍ଦିରରେ ଧ୍ୟାନ, ଆସନ, ବ୍ୟାୟାମ, ଯୋଗ ପ୍ରଭୃତି କରାଯାଇଥିଲା। ସାଧକ ଅନାଦି ଚରଣ ସ୍ୱାଇଁ, ଯଦୁନନ୍ଦ ସାମଲ, ପ୍ରଭାତ କୁମାର ନାୟକ, ବନମାଳୀ ଆଚାର୍ଯ୍ୟ, ଉର୍ମିଳା ରାଉତ, ହରିବଲ୍ଲଭ ଦାଶ, ଯୁଗଳ କିଶୋର ମିଶ୍ର ପ୍ରମୁଖ ବହୁ ବିଦ୍ୱାନ ବ୍ୟକ୍ତି ଶ୍ରୀମା, ଶ୍ରୀଅରବିନ୍ଦଙ୍କ ଦର୍ଶନ, ଆଦର୍ଶ ଦେଶଭକ୍ତ ଓ ଲେଖା ସମ୍ପର୍କରେ ଆଲୋଚନା କରିଥିଲେ।

### ଦୁଇ ଅନାଥ ଶିଶୁ ଉଦ୍ଧାର

ଯାଜପୁରରୋଡ,୨୧।୧(ନି.ପ୍ର.)

ଯାଜପୁରରୋଡ ସହରର ଚୋରଦା ଛକରେ ଦୀର୍ଘଦିନ ଧରି ଭିକ୍ଷାବୃତ୍ତି କରି ଚଳୁଥିବା ୨ ଜଣ ଶିଶୁଙ୍କୁ ସୋମବାର ଓମ୍ ସାଇ ଟ୍ରଷ୍ଟ ପକ୍ଷରୁ ଉଦ୍ଧାର କରାଯାଇଛି। ପରେ ସେମାନଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଟ୍ରଷ୍ଟର ହିମାଂଶୁ ନାୟକ, ଶକ୍ତି କୁମାର ମହାନ୍ତ ଏବଂ ଚନ୍ଦ୍ରପ୍ରକାଶ ଜୈନ ପ୍ରମୁଖ ଶିଶୁଙ୍କୁ ଉଦ୍ଧାର କରି ଖାଇବାକୁ ପିଇବାକୁ ଦେଇଥିଲେ। ଅନାଥ ଶିଶୁଙ୍କୁ ଉଦ୍ଧାର କରିବା ସେମାନଙ୍କର ପ୍ରଥମ ଲକ୍ଷ୍ୟ ବୋଲି ଟ୍ରଷ୍ଟର ସଦସ୍ୟ କହିଛନ୍ତି। ଏହି ଦୁଇ ଶିଶୁଙ୍କୁ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି।

## ପାଲାଗାୟକ ସମ୍ମିଳନୀ ଉଦ୍‌ଯାପିତ
# 'ସମାଜ ସଂସ୍କାରରେ ପାଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ'



ସମ୍ମିଳନୀରେ ପାଲା ଗାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଚଣ୍ଡିଖୋଲ,୨୧।୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାଲିଚନ୍ଦ୍ରପୁର ପଞ୍ଚାୟତ ନାନାପୁରପଟଣା ଗ୍ରାମରେ ନୀଳାଚଳ ନିଖିଳ ଉତ୍କଳ ପାଲା ଗାୟକ ପରିଷଦ ଆନୁକୂଲ୍ୟରେ ୨ ଦିନିଆ ପାଲା ଗାୟକ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯାଜପୁର ଜିଲା ଶାଖା ସମ୍ପାଦକ ଗୟାଧର ମହାପାତ୍ର ଅଧକ୍ଷତା କରିଥିଲେ। ମିଳିତ ଜନମଙ୍ଗଳ ପାଠାଗାର ଓ ବିଦ୍ୟୁତଲତା ପଟ୍ଟନାୟକ ସ୍ମୃତି ସଂସଦ ତରଫରୁ ଅବିଭକ୍ତ କଟକ ଜିଲାସ୍ତରୀୟ ୧୯ତମ ପାଲା ଗାୟକ ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଲା ହେଉଛି ଭାରତ ବର୍ଷର ପରମ୍ପରା। ଏହା ଜନ ସଚେତନତା ସହ ସମାଜକୁ ମାର୍ଗଦର୍ଶନ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ସରକାରୀ ମୁଖ୍ୟ ସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ବିଧାୟକ ଗୁରୁଚରଣ ଟିକାୟତ ପ୍ରମୁଖ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ପାଲା କେବଳ ପୁରାଣ ଓ ମହାଭାରତ ମଧ୍ୟରେ ସୀମିତ ନୁହେଁ। ସମାଜକୁ ସଂସ୍କାରିତ କରିବାରେ ପାଲାର ଭୂମିକା ଅତୁଳନୀୟ ବୋଲି କହିଥିଲେ। ନିଖିଳ ଉତ୍କଳ ପାଲା ଗାୟକ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ ମୁଖ୍ୟବକ୍ତା, ଭଜନ ଗାୟିକା ଶାନ୍ତିଲତା ବାରିକ ସମ୍ମାନିତ ଅତିଥି, ପାଲାଗାୟକ ରଜନୀକାନ୍ତ ପୃଷ୍ଟି, ସରପଞ୍ଚ ଫଣିନ୍ଦ୍ରନାଥ ପଣ୍ଡା ଓ ପଣ୍ଡିତ ପ୍ରଫୁଲ୍ଲ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ବୈକୁଣ୍ଠ ନାଥ ପଣ୍ଡା, ଶୈଳେନ୍ଦ୍ର ନାରାୟଣ ଦେଓ, ଦିବାକର ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ରାଉତ, କବି ନିରଞ୍ଜନ ଜେନା, ଜୟରାମ ସାହୁ, ଭାଗ୍ୟଧର ମହାପାତ୍ର, ସୁଦର୍ଶନ ସାହୁ, ଜୟରାମ ରାଉତ, ମହେନ୍ଦ୍ର ପୃଷ୍ଟି, କୁଞ୍ଜ ବିହାରୀ ଷେଣ୍ଡ, ମାନସ ରଞ୍ଜନ ଦେଓ, ଭରତ ରଣା ପ୍ରମୁଖଙ୍କୁ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ୩ ଦିନ ଧରି ପାଲା ପରିବେଷଣ କରାଯାଇଥିଲା। ବାସୁଦେବ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ପିକ୍‌ନିକ୍ ବସ୍‌କୁ ପିଟିଲା ଟ୍ରକ୍: ୧୦ରୁ ଊର୍ଦ୍ଧ୍ୱ ଆହତ

ଛତିଆ,୨୧।୧(ଡି.ଏନ୍.ଏ.)

୧୬ ନଂ. ଜାତୀୟ ରାଜପଥ ଛତିଆ ନିକଟସ୍ଥ ଭଟିଆ ଛକ ପାର୍ଶ୍ୱରେ ରବିବାର ବିଳମ୍ବିତ ରାତିରେ ଏକ ପିକ୍‌ନିକ୍ ବସ୍ ସହ ଚସୁ ବୋଝେଇ ଟ୍ରକ୍ ଧକ୍କା ଦେବାରୁ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନେ ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଖବରପାଇ ଛତିଆ ବିଟ୍ ହାଉସ୍ ଅଧିକାରୀ ଅମିୟ ବେହେରା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ଆହତଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରକାଶ ଯେ, ଦକ୍ଷିଣ କାଳୀ ନାମକ ଏକ ବସ୍ ପୁରୀ ଜିଲାର ଚନ୍ଦନପୁର ଅଞ୍ଚଳରୁ ପିକ୍‌ନିକ୍ ପାଇଁ ବାଲେଶ୍ୱର ଅଭିମୁଖେ ଯାଇଥିଲା। ଏହି ସମୟରେ ଏକ ଚସୁ ବୋଝେଇ ଟ୍ରକ୍ ଚଣ୍ଡିଖୋଲରୁ କଟକ ଅଭିମୁଖେ ଆସୁଥିଲା। ଭଟିଆ ଛକ ନିକଟରେ ଟ୍ରକ୍ ଭାରସାମ୍ୟ ହରାଇ ବସ୍ ସହ ଧକ୍କା ହୋଇଥିଲା। ଫଳରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।



ଦୁର୍ଘଟଣାଗ୍ରସ୍ତ ବସ୍।

# ଜିଲାସ୍ତରୀୟ କ୍ୟାରମ ପ୍ରତିଯୋଗିତା ଉଦ୍‌ଯାପିତ

କୋରେଇ,୨୧।୧(ସ୍ୱ.ପ୍ର.)

ସ୍ଥାନୀୟ ମା' ତାରିଣୀ ଫୁଟବଲ କ୍ଲବ ଗୃହରେ ପଞ୍ଚ୍ ଗ୍ୟାଙ୍ଗ କ୍ୟାରମ ଆସୋସିଏଶନ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ କ୍ୟାରମ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଯାଜପୁର କ୍ୟାରମ ଆସୋସିଏଶନ ସମ୍ପାଦକ ପ୍ରଶାନ୍ତ ପତି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ଜିଲାର ୩୨ଟି ଦଳ ଭାଗ ନେଇଥିଲେ। ତାରାକୋଟର ଦେବନା ଶତପଥୀ ଓ ଟିମ୍ ପ୍ରଥମ, ଯାଜପୁରର ସ୍ମିତ କୁମାର ଓ ଟିମ୍ ଦ୍ୱିତୀୟ, କୁମାର ଟୁଲୁ ଓ ଟିମ୍ ତୃତୀୟ ଏବଂ କରଦାର କାହ୍ନୁଚରଣ ରଣା ଓ ଟିମ୍ ୪ର୍ଥ ସ୍ଥାନ ଅଧିକାର କରିଥିଲେ।

# ଫାଇନାଲରେ ଭଦ୍ରକ ରେଲ୍‌ୱେ

**ରାଜ୍ୟସ୍ତରୀୟ ହିଙ୍ଗୁଳା କପ୍**

କୋରେଇ,୨୧।୧(ସ୍ୱ.ପ୍ର.)

ବ୍ୟାସନଗର ନିକଟ ତରାପୁରସ୍ଥିତ ଆଞ୍ଚଳିକ ଯୁବ ପରିଷଦ ଆନୁକୂଲ୍ୟରେ ତରାପୁର ଖେଳପଡିଆରେ ଚାଲିଥିବା ୨୧ତମ ମା' ହିଙ୍ଗୁଳା କପ୍‌ର ୨ୟ ସେମିଫାଇନାଲ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଓ ଭଦ୍ରକ ରେଲ୍‌ୱେ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଗତି ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୯ ରନ୍ କରିଥିଲା। ଜବାବରେ ଭଦ୍ରକ ରେଲୱେ ୨୩ ଓଭରରେ ୪ ଉଇକେଟ୍ ହରାଇ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ମହାରଣା ସର୍ବାଧିକ ୫୩ ରନ୍ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବ୍ୟାସନଗରସ୍ଥିତ ବାବା ସ୍ପୋର୍ଟ୍ସ ମାଲିକ ପ୍ରଦୀପ କୁମାର ସାମଲ ଅତିଥିଭାବେ ଯୋଗଦେଇ ବିଜୟୀ ଟିମ୍‌ର ଜ୍ୟୋତିରଞ୍ଜନ ମହାରଣାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ଭାବେ ପୁରସ୍କୃତ କରିଥିଲେ। ଆଞ୍ଚଳିକ ଯୁବ ପରିଷଦର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଭଦ୍ରକ ରେଲୱେ ଏବଂ ବ୍ରହ୍ମପୁରର ୟୁନାଇଟେଡ୍ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ଜାତୀୟ ଉଠାଦୋକାନୀ ଦିବସ

ଯାଜପୁରରୋଡ,୨୧।୧(ନି.ପ୍ର.)

ଅଖିଳ ଭାରତ ଅସଂଗଠିତ ଶ୍ରମିକ କଂଗ୍ରେସ ଆହ୍ୱାନରେ ଯାଜପୁର ଜିଲା ଅସଂଗଠିତ ଶ୍ରମିକ କଂଗ୍ରେସ ପକ୍ଷରୁ ସୋମବାର ପୌର କାର୍ଯ୍ୟାଳୟଠାରେ ଜାତୀୟ ଉଠା ଦୋକାନୀ ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ୟାସନଗର ଉଠା ଦୋକାନୀ ସଂଘର ସମସ୍ତ ସଭ୍ୟ ଗୋପବନ୍ଧୁ ଛକଠାରୁ ଏକ ଶୋଭାଯାତ୍ରାରେ ଆସି କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଅସଂଗଠିତ ଶ୍ରମିକ କଂଗ୍ରେସ ଜିଲା ସଭାପତି ଅମୂଲ୍ୟ ରାଉତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତି ଯୋଗଦେଇ ଉଠା ଦୋକାନୀଙ୍କ ଜାତୀୟ ଦିବସ ଉପରେ ଉଦ୍‌ବୋଧନ ଦେଇଥିଲେ। ଉଠା ଦୋକାନୀଙ୍କ ସମସ୍ୟା ସମଗ୍ର ଦେଶରେ ଏକ ଜାତୀୟ ସମସ୍ୟା। ୨୦୧୪ରେ ତତ୍କାଳୀନ କେନ୍ଦ୍ରସରକାର ଲୋକସଭାରେ ଆଣିଥିବା ଉଠାଦୋକାନୀ ଥଇଥାନ ଆଇନ୍‌ର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଥିଲା। ହେଲେ ରାଜ୍ୟ ସରକାର ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ନ କରିବା ଫଳରେ ଉଠାଦୋକାନୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଧକ୍ଷ ମହାନ୍ତି ଦୃଢୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅସଂଗଠିତ ଶ୍ରମିକ କଂଗ୍ରେସର ଜିଲା ସଂଯୋଜକ ପରମାନନ୍ଦ ସେଠୀ, ଅଜୟ କୁମାର ସାହୁ, ଉଠା ଦୋକାନୀ ରାଜ୍ୟ ସଂଯୋଜକ ଭରତ ସାହୁ, ପ୍ରଦୀପ ବଳ, ରଘୁନାଥ ପାତ୍ର, ସନାତନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଭାସ୍ଥଳରେ ଉଠାଦୋକାନୀଙ୍କ ଥଇଥାନ ଆଇନ ୨୦୧୪, ଟିଭିସି ଗଠନ ଓ ପରିଚୟ ପ୍ରଦାନ ଆଦି ୭ଦଫା ଦାବି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ୟାସନଗର କାର୍ଯ୍ୟନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦ ଓ ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ରଙ୍କୁ ଦିଆଯାଇଥିଲା।

# ବିନା ଘୋଡ଼ଣିରେ ପରିବହନ ହେଉଛି ସିମେଣ୍ଟ

- ସରକାରୀ ନିୟମ ଉଲ୍ଲଂଘନ କରୁଛନ୍ତି ପରିବହନ ଟ୍ରକ୍
- ସିମେଣ୍ଟ ଗୁଣ୍ଡ ଯୋଗୁ ଚକ୍ଷୁ ରୋଗର ଶିକାର ହେଉଛନ୍ତି ଯାତ୍ରୀ

ଯାଜପୁରରୋଡ,୨୧।୧(ନି.ପ୍ର.)

ଯାଜପୁରରୋଡ-କେନ୍ଦୁଝର ରେଳଷ୍ଟେଶନ୍‌ରେ ଦୈନିକ ସିମେଣ୍ଟ ୱାଗନ୍ ଲାଗୁଛି। ବିଭିନ୍ନ ସିମେଣ୍ଟ କମ୍ପାନୀଗୁଡ଼ିକ ଯାଜପୁରରୋଡ ସହର ଓ ଅନତି ଦୂରରେ ସେମାନଙ୍କର ଗୋଦାମ ନିର୍ମାଣ କରିଛନ୍ତି। ରେଳଷ୍ଟେଶନ ମାଲଗୋଦାମରେ ଥିବା ସାଇଡିଂରୁ ଦୈନିକ ୱାଗନରୁ ସିମେଣ୍ଟ ଅନଲୋଡ୍ ହୋଇ ଟ୍ରକ୍‌ରେ ଯାଜପୁରରୋଡ ସହର ଦେଇ ୨୦ନଂ. ଜାତୀୟ ରାଜପଥ ଓ ଅନ୍ୟାନ୍ୟ ସ୍ଥାନକୁ ଯୋଗାଯୋଗ କରୁଥିବା ରାସ୍ତାରେ ଯାତାୟାତ କରୁଛନ୍ତି। ମୁଖ୍ୟତଃ ଯାଜପୁରରୋଡ ଗୋଦାମଠାରୁ ଜହ୍ନା ବାଇପାସ୍ ପର୍ଯ୍ୟନ୍ତ ରାସ୍ତାକୁ ଯାଉଛି। ଉକ୍ତ ରାସ୍ତା ଜନଗହଳିପୂର୍ଣ୍ଣ ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ବଜାର, ଘରଦ୍ୱାର ଓ ସରକାରୀ



କାର୍ଯ୍ୟାଳୟ ରହିଛି। ଟ୍ରକ୍‌ଗୁଡ଼ିକ ବିନା ଘୋଡ଼ଣିରେ ସିମେଣ୍ଟ ବୋଝେଇ କରି ଯାଉଥିବାରୁ ସିମେଣ୍ଟ ଗୁଣ୍ଡ ଉଡ଼ି ପରିବେଶ ପ୍ରଦୂଷିତ ହେଉଛି। ଲୋକେ ରାସ୍ତାରେ ଯାତାୟାତ ସମୟରେ ଆଖିରେ ସିମେଣ୍ଟ ଗୁଣ୍ଡ ପଡ଼ି ଚକ୍ଷୁ ରୋଗର ଶିକାର ହେଉଛନ୍ତି। ୨୦୧୭-୧୮ରେ ପ୍ରାୟ ୧୮୦ ଜଣ ଆଖି ଅପରେଶନ୍ କରିଥିବା ସୂଚନା ମିଳିଛି। ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ପରିବହନ ଟ୍ରକ୍‌ଗୁଡ଼ିକ ଢାଙ୍କୁଣି ଘୋଡାଇବା କଥା। ସେହିପରି କେନ୍ଦୁଝରରୁ ଆସୁଥିବା ଅଧିକାଂଶ ଲୁହାପଥର ଟ୍ରକ୍‌ଗୁଡ଼ିକରେ ମଧ ଘୋଡ଼ଣି ନାହିଁ। ଫଳରେ ବାୟୁମଣ୍ଡଳ ଦୂଷିତ ହେଉଛି। ଯାଜପୁରରୋଡ ସହରର କନ୍ହେଇପୁରଠାରୁ ଚୋରଦା ବାଇପାସ୍, ମାଲଗୋଦାମଠାରୁ ଜହ୍ନା ବାଇପାସ୍ ଧୂଳିଧୂଆଁରେ ଭର୍ତ୍ତି ହେଉଛି। ଜିଲା ପ୍ରଶାସନ, ରେଲୱେ ପୋଲିସ ଓ ଆରପିଏଫ୍ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏ ସମ୍ପର୍କରେ ଯାଜପୁରରୋଡ ଆଇଆଇସି ଅମିତାଭ ମହାପାତ୍ରଙ୍କୁ ପଚାରିବାରେ, ଅଧିକାଂଶ ସମୟରେ ରାଜପଥରେ ପରିବହନ ଟ୍ରକ୍‌ଗୁଡ଼ିକୁ ଚେକିଂ କରାଯାଇ ଜରିମାନା ଆଦାୟ କରାଯାଉଛି। ପୁନଶ୍ଚ ଚେକିଂ କରାଯିବ ବୋଲି ସେ କହିଥିଲେ।



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
- କଲମ୍ବସ୍

## ସଂକ୍ଷେପରେ

### ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣା: ୩ ଗୁରୁତର



**ଦଶପଲ୍ଲା,୨୧।୧(ଡି.ଏନ.ଏ.):** ଦଶପଲ୍ଲା ଥାନା ଶାଳିଆଗୋଛା ଠାରେ ନିର୍ମାଣାଧୀନ ଟୋଲଗେଟ୍‌ରେ ଏକ ମିନିବସ ଧକ୍କା ହୋଇଥିଲା। ଫଳରେ ମିନିବସରେ ଥିବା ପର୍ଯ୍ୟଟକ ମାନେ ଆହତ ହୋଇଥିଲେ। ଆହତ ପର୍ଯ୍ୟଟକ ମାନଙ୍କୁ ଆଣିବା ପାଇଁ ଯାଉଥିବା ମଧ୍ୟଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ୧୦୮ ଆମ୍ବୁଲାନ୍ସଟି କୁଆଁରିଆ ଛକ ନିକଟରେ ଏକ ଟ୍ରକକୁ ଅତିକ୍ରମ କରୁଥିବା ବେଳେ ଟ୍ରକ ସହ ଧକ୍କା ହୋଇଥିଲା। ଫଳରେ ୧୦୮ ଆମ୍ବୁଲାନ୍ସରେ ଯଉଥିବା ଫାର୍ମାସିଷ୍ଟଙ୍କ ସମେତ ୩ଜଣ କର୍ମଚାରୀ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ପରେ ସେମାନଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପାର୍ଶ୍ୱରେ ଦୁର୍ଘଟଣାଗ୍ରସ୍ତ ମିନିବସର ଆହତ ମାନଙ୍କୁ ଅନ୍ୟଏକ ୧୦୮ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ



**ନୟାଗଡ଼ ଅଫିସ,୨୧।୧:** ନେହେରୁ ଯୁବ କେନ୍ଦ୍ର ଓ ନେତାଜୀ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବଳଭଦ୍ରପୁର ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବକମାନଙ୍କୁ ଶିକ୍ଷାର ଉଦ୍ଦେଶ୍ୟ, ଗ୍ରାମକୁ ସଫା ରଖିବା ଓ ରକ୍ତଦାନ ଆଦି ଶିବିର ହୋଇଥିଲା। ନୂଆଗାଁ ବ୍ଲକ ଚେୟାରମ୍ୟାନ୍ ଅନ୍ତର୍ଯ୍ୟାମୀ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ଢେଙ୍କେଣୀ ସରପଞ୍ଚ ରଞ୍ଜୁଲତା ଦେଈ, ମାଳିସାହି ସରପଞ୍ଚ ପର୍ଶୁରାମ ସ୍ୱାଇଁ, ଡାକ୍ତର ସଂଜୟ କୁମାର ଦାସ, ଅଜୟ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷା ଦ୍ୱାରା ଯୁବକମାନେ କିପରି ସଫଳତା ପାଇପାରିବେ ସେ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ସେହିଭଳି ନାରୀ ଶିକ୍ଷା ଉପରେ ମଧ ସଚେତନତା କରାଯାଇଥିଲା। ଗ୍ରାମର ରାସ୍ତା ଓ ମନ୍ଦିର ପରିସରକୁ ଯୁବକମାନଙ୍କ ପକ୍ଷରୁ ସଫା କରାଯାଇଥିଲା। ଏହା ପରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ନେହେରୁ ଯୁବ କେନ୍ଦ୍ରର କୋ ଅର୍ଡ଼ିନେଟର ତୁଷାର ରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ।

### ଅଗ୍ନିଶମ କର୍ମଚାରୀଙ୍କ କୌଶଳ ପ୍ରଦର୍ଶନ



**ଓଡ଼ଗାଁ,୨୧।୧(ସ୍ୱ.ପ୍ର.):** ନୟାଗଡ ଜିଲା ଓଡ଼ଗାଁ ଅଗ୍ନିଶମ କେନ୍ଦ୍ର ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ରଘୁନାଥ ବିଦ୍ୟାପୀଠ ପରିସରରରେ ବିଭାଗ ତରଫରୁ ନିଆଁ ଲିଭାଇବା ଓ ନିଆଁ ଲାଗିବା ସମୟରେ ଧନ ଜୀବନ ରକ୍ଷା କରିବାର କୌଶଳ ପ୍ରଦର୍ଶନ କରାଯାଇଥିଲା। ବିଶେଷତଃ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗିବା ସମୟରେ କିପରି ଓଦା ଅଖା, ଓଦା କମ୍ବଳ ସାହାଯ୍ୟରେ ନିଆଁକୁ ସାହାସର ସହିତ ଆୟତ୍ତ କରାଯାଇପାରିବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ କୌଶଳ ପ୍ରଦର୍ଶନ କରିଥିଲେ। ସେହିପରି ଦୈବୀ ଦୁର୍ବିପାକ ସମୟରେ ରାସ୍ତା ଉପରେ ଉପୁଡି ପଡିଥିବା ଗଛ କାଟିବା, ଛାତ ଉପରୁ ଅଗ୍ନି ବପନ୍ନଙ୍କୁ ଶିଡି କିମ୍ବା ରଶି ସାହାଯ୍ୟରେ ଉଦ୍ଧାର କରିବା ସହିତ ନିଆଁକୁ ଆୟତ୍ତ କରିବା ପ୍ରଣାଳୀ ସମ୍ପର୍କରେ କର୍ମଚାରୀ ମାନେ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ବୁଝାଇଥିଲେ। ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରତାପ କୁମାର ପ୍ରଧାନଙ୍କ ସହିତ ଅଗ୍ନିକ ସୁନୀଲ କୁମାର ନାୟକ, ହିଂମାଶୁ ଶେଖର ସାମଲ, ପୁରୁଷୋତ୍ତମ ଭଞ୍ଜ ଏବଂ ସନ୍ଦୀପ ବେହେରା କୌଶଳ ପ୍ରଦର୍ଶନରେ ସାମିଲ ହୋଇଥିଲେ।

# ଶିକ୍ଷକତା ବୃତ୍ତି ନୁହେଁ, ଏକ ବ୍ରତ

**ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର.)**

ଶିକ୍ଷକତା ବୃତ୍ତି ନୁହେଁ ଏକ ବ୍ରତ। ରବିବାର କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟଠାରେ ଅଣତାଲିମପ୍ରାପ୍ତ କାର୍ଯ୍ୟରତ ଶିକ୍ଷକଙ୍କ ୨ବର୍ଷିଆ ପ୍ରାରମ୍ଭିକ ଶିକ୍ଷା ଡିପ୍ଲୋମା (ଡିଇଏଲଇଡି) କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଧାପକ ଡ. ପବିତ୍ର କୁମାର ସୁବୁଦ୍ଧି ଏହା ପ୍ରକାଶ କରିଥିଲେ। ଏହାଛଡା ଯେଉଁମାନେ ଶିକ୍ଷକତାକୁ ସେବା ଆଳ କରି ଅର୍ଥ ଉପାର୍ଜନ କରିଥାନ୍ତି ସେମାନେ ଶିକ୍ଷକ ନୁହନ୍ତି । ଶିକ୍ଷକ ହେଉଛନ୍ତି ଜାତିର ମେରୁଦଣ୍ଡ । ଦେଶ ଗଠନରେ ତାଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ସେ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଶଙ୍କର ଦୟାଲ ଶର୍ମାଙ୍କ ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇଥିଲେ। ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ ନୋଇଡ଼ା ପ୍ରାୟୋଜିତ ତଥା ନୀଳମାଧବ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ କଲେଜ ଭାରପ୍ରାପ୍ତ ଅଧକ୍ଷ ସୁକାନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳରୁ ୯୮ଜଣ ଅଣତାଲିମପ୍ରାପ୍ତ ଗୁରୁ ଛାତ୍ରୀଛାତ୍ର ଏଥିରେ ଯୋଗଦାନ କରିଥିଲେ। ଏହି ଦୁଇବର୍ଷିଆ ତାଲିମ ପ୍ରଥମ କରି ନୀଳମାଧବ ମହାବିଦ୍ୟାଳୟରେ ଆରମ୍ଭ ହୋଇଥିବାରୁ ଶିକ୍ଷକ ମହଲରେ ସନ୍ତୋଷ ପ୍ରକାଶ ପାଇଥିଲା। ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଅଧାପକ ଡ. ଅଶୋକ ପାତ୍ର, ରମେଶ ଚନ୍ଦ୍ର ସାହୁ, ଅଧାପିକା ମନାସୀ ଦ୍ୱାରି, ସରଳା ବେହେରା, ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗର ଅଧାପକ ଅଶୋକ କୁମାର ମହାରଣା, ଖବରଦାତା ପ୍ରଭାକର ଶିରୋମଣି ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୈତିକ ଶିକ୍ଷା ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅଧାପକ ସୁଜଳ କୁମାର ମହାରଣା ଏହାର ସଂଯୋଜନା କରିଥିଲେ । ତାଲିମ ପାଇବାକୁ ଆସିଥିବା ଗୁରୁ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଦଶପଲ୍ଲା ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିରର ସବିତା ସାହୁ, କଣ୍ଟିଲୋ ସରସ୍ୱତୀ ବିଦ୍ୟାମନ୍ଦିରର ଶିକ୍ଷକ ମନୋଜ କୁମାର ମହାପାତ୍ର, ଭାପୁର ଶିଶୁ ମନ୍ଦିରର କାମରାଜ ବରାଡ, ନୟାଗଡରୁ ଆସିଥିବା ବିଜୟା ନନ୍ଦ ଶତପଥୀ ସେମାନଙ୍କ ଦୁଇବର୍ଷର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଶେଷରେ ଦିଲୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ପ୍ରାରମ୍ଭିକ ଶିକ୍ଷା ଡିପ୍ଲୋମା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଗୁରୁ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଜିଲାପାଳଙ୍କ ଦ୍ୱିମାସିକ ଅଭିଯୋଗ ଶୁଣାଣି ଶିବିର
# ଶତ ପ୍ରତିଶତ ଦିବ୍ୟାଙ୍ଗ ଗ୍ରାମାଞ୍ଚଳ ଆବାସ ଯୋଜନାରୁ ବଞ୍ଚିତ

**ଓଡ଼ଗାଁ,୨୧।୧(ସ୍ୱ.ପ୍ର.)**

ଓଡଗାଁ ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବହୁ ଆଶା ଭରସା କରି ଗାଁ ଗହଳୀରୁ ସାଧାରଣ ଲୋକଟିଏ ଜିଲାପାଳଙ୍କ ଜନ ଶୁଣାଣି ଶିବିରକୁ ଦୌଡି ଆସିଥାଏ । ହେଲେ ସୁଫଳ ମିଳିବା ଆଶା ଆଶାରେ ରହିଯାଏ । ଇନ୍ଦିରା ଆବାସ କିମ୍ବା ବିଜୁ ପକ୍କା ଘର ଟିଏ ପାଇବା ପାଇଁ କେତେକ ଲୋକ ବର୍ଷ ବର୍ଷ ଧରି ଜନ ଶୁଣାଣି ଶିବିରକୁ ଆସି ନିରାଶ ହୋଇ ଫେରୁଥିବା ଏପରିକି ଦୁଇ ହାତ ନଥିବା ତଥା ଶତ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣ ପତ୍ର ହାସଲ କରିଥିବା ବ୍ୟକ୍ତିଙ୍କୁ ମଧ ଗ୍ରାମାଞ୍ଚଳ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ । ଏପରିସ୍ଥଳେ ସ୍ଥାନୀୟ ବିଧାୟକଙ୍କ ସୁପାରିଶ ଏକାନ୍ତ ଆବଶ୍ୟକ ବୋଲି ବିଡିଓ ଦାୟିତ୍ୱରେ ଥିବା ବିଡିଓ ମନୋଜ କୁମାର ପାତ୍ର ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ଜିଲାପାଳଙ୍କ ଜନ ଶୁଣାଣି ଶିବିର ସମ୍ପର୍କରେ ସ୍ଥାନୀୟ ଗଣ ମାଧମ ପ୍ରତିନିଧିଙ୍କୁ ଆଦୌ ଅବଗତ କରାଯାଇନଥିଲା । ଶିବିରରେ ସମୁଦାୟ ୮୩ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୮୧ ବ୍ୟକ୍ତିଗତ ଏବଂ ୨୨ ସାମୁହିକ ଅଭିଯୋଗ ଥିବା ଜଣାଯାଇଛି । ୫୭ ଅଭିଯୋଗର ଫଇସଲା ହୋଇଥିବା ସୂଚନା ମିଳିଛି । ନୟାଗଡ ଜିଲାପାଳ ଡ. ଏନ ତିରୁମଲା ନାୟକ, ଏସପି ଶଶିଭୂଷଣ ଶତପଥୀଙ୍କ ସହିତ ବିଡିଓ ମନୋଜ କୁମାର ପାତ୍ର, ଆରଡବ୍ଲୁଏସଏସ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ କୁମାର ମହାପାତ୍ର, ସେସୁ ନିର୍ବାହୀ ଯନ୍ତ୍ରୀ ଇ. ସୁଜିତ ସାହୁ, ଉଦ୍ୟାନ ବିଭାଗ ଅଧିକାରୀ ଅଜିତ କୁମାର ନାୟକ, ପୂର୍ତ୍ତ ସହକାରୀ ଯନ୍ତ୍ରୀ ବସନ୍ତ କୁମାର ବେହେରା, ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା ଓ ସହକାରୀ ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ସମେତ ବହୁ ଜିଲା ଓ ବ୍ଲକ ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।




ଆବାସ ଯୋଜନାରୁ ବଞ୍ଚିତ ଜଣେ ଦିବ୍ୟାଙ୍ଗ।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର

**ଗଣିଆ,୨୧।୧ (ଡି.ଏନ.ଏ.)**

ଗଣିଆ ଅଗ୍ନିଶମ ବିଭାଗ ତରଫରୁ ସୋମବାର ଗଣିଆସ୍ଥିତ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣିଆ ଅଗ୍ନିଶମ ବିଭାଗ ଅଧିକାରୀ ସାନନ୍ଦ ଜେନାଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଓ ନଦୀବଢି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଧନଜୀବନ ଉଦ୍ଧାର କରାଯାଇପାରିବ ସେ ନେଇ ତାଲିମ ପ୍ରଦାନ କରିଥିଲେ। ଏଥିସହ ବିପର୍ଯ୍ୟୟ ସମୟରେ ଚେତାଶୂନ୍ୟ ଅବସ୍ଥାରେ ବିପନ୍ନମାନଙ୍କୁ କିଭଳି ସୁରକ୍ଷିତ ସ୍ଥାନକୁ ଅଣାଯାଇପାରିବ ସେ ନେଇ କର୍ମଚାରୀମାନେ ମକ୍‌ଡ୍ରିଲ ପ୍ରଦର୍ଶନ କରିଥିଲେ। ସେହିଭଳି ରୋଷେଇ ସମୟରେ ପେଟ୍ରୋଲିୟମ ଗ୍ୟାସ୍ ଜନିତ ଅଗ୍ନିକାଣ୍ଡ ଘଟିଲେ କି ପ୍ରକାର ସତର୍କତା ଅବଲମ୍ବନ କରାଯାଇପାରିବ ସେ ନେଇ ସୂଚନା ଦେଇଥିଲେ । ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପ୍ରତିବର୍ଷ ଜାନୁୟାରୀ ୨୧ ତାରିଖରେ ବିଭିନ୍ନ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସ୍ତରରେ ମକ୍‌ଡ୍ରିଲ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ବୋଲି ଗଣିଆ ଅଗ୍ନିଶମ ଅଧିକାରୀ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମରେ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଅଗ୍ନିଶମ କର୍ମଚାରୀମାନଙ୍କ ଦ୍ୱାରା ମକ୍‌ଡ୍ରିଲ କରାଯାଉଛି।

## ଦଶପଲ୍ଲା କପ୍ ଭଲିବଲ୍ ପ୍ରତିଯୋଗିତା: ଖୋର୍ଦ୍ଧା ଚାମ୍ପିୟନ

**ଦଶପଲ୍ଲା,୨୧।୧(ଡି.ଏନ.ଏ.)**

ସ୍ପୋର୍ଟିଭ୍ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ଦଶପଲ୍ଲା କପ୍ ଭଲିବଲ୍ ପ୍ରତିଯୋଗୀତାରେ ଶ୍ରୀଶ୍ରୀ ରଘୁନାଥ ଦେବ ଭଲିବଲ୍ ଆସୋସିଏଶନ୍ ଗୁଡିଆଳି ଖୋର୍ଦ୍ଧା, ନୟାଗଡ ଜିଲା ବୀର ବଜରଙ୍ଗି ଭଲିଟିମ୍ ବାଉଁଶିଆପଡାକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଚାମ୍ପିଆନ୍ ଦଳକୁ ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ପକ୍ଷରୁ ୬ହଜାର ଟଙ୍କା ସହ ସିଲ୍‌ଡ ପ୍ରଦାନ କରାଯାଇଥିବା ବେଳେ ରର୍ନସଅପ ଦଳକୁ ୪ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗୀତାରେ ବାଉଁଶିଆପଡାର କାଳିଆଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଟ୍ରଫି ପ୍ରଦାନ କରାଯାଇଥିଲା।

# ମଗରବନ୍ଧ ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ

**ନୟାଗଡ଼ ଅଫିସ,୨୧।୧**

ନୟାଗଡ଼ ଜିଲା ଶରଣକୁଳ ଜିଲା ପରିଷଦ ଜୋନ୍ ୩ ଅନ୍ତର୍ଗତ ମଗରବନ୍ଧ ପଞ୍ଚାୟତରେ କଂଗ୍ରେସ ଦଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଦଳର ସାଙ୍ଗଠନିକ ସ୍ଥିତିକୁ ବୁଥ୍ ସ୍ତରରେ ମଜଭୁତ୍ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାରଣନୀତିକୁ ଘୋର ନିନ୍ଦା କରାଯାଇଥିଲା। ଜୋନ୍ ସଭାପତି ବିମଳ କୁମାର ଦାଶଙ୍କ ନେତୃତ୍ୱରେ ଜିଲା ସେବା ଦଳ ମୁଖ୍ୟ ଧୀରେନ ଦାଶ, ଜିଲା ଉପସଭାପତି ଧ୍ରୁବ ଚରଣ ପରିଡ଼ାଙ୍କ ସମେତ ଏକାଧିକ କର୍ମୀ ଓ ନେତୃବୃନ୍ଦ ଯୋଗ ଦେଇ ବୈଠକରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ।



ବୈଠକରେ ଯୋଗ ଦେଇଥିବା କର୍ମୀ ଓ ନେତୃବୃନ୍ଦ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଦଶପଲ୍ଲା,୨୧।୧୧ (ଡି.ଏନ.ଏ.)**

ଦଶପଲ୍ଲା ଥାନା ଶିମିଳିସାହି ନିକଟସ୍ଥ ଏକ ନାଳ ନିକଟରେ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି ଓ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଅଭିମନ୍ୟୁ ବେହେରା ଓ ଆହତ ହେଲେ ନିତ୍ୟାନନ୍ଦ ବେହେରା। ସେମାନଙ୍କ ଘର ଶିମିଳିସାହିପଞ୍ଚାୟତନୂଆସାହିଗ୍ରାମରେ।

# ସୁଦୀପ୍ତ ରାୟଙ୍କୁ ପ୍ରାର୍ଥୀ କରାଯିବା ନିମିତ୍ତ ପ୍ରସ୍ତାବ

**ଗଣିଆ,୨୧।୧ (ଡି.ଏନ.ଏ.)**

ଗଣିଆ ବ୍ଲକ ବିଜେଡି ତରଫରୁ ୨୦୧୯ ସାଧାରଣ ନିର୍ବାଚନ ପାଇଁ କନ୍ଧମାଳ ଲୋକ ସଭା ଆସନରୁ ସୁଦୀପ୍ତ ଚନ୍ଦ୍ର ରାୟଙ୍କୁ ପ୍ରାର୍ଥୀ କରାଯିବା ନିମିତ୍ତ ଏକ ପ୍ରସ୍ତାବ ଆଗତ କରାଯାଇଛି । ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ସୋମବାର ଗଣିଆ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଦଶପଲ୍ଲା ଅଞ୍ଚଳର ଲୋକପ୍ରିୟ ନେତା ତଥା ପୂର୍ବତନ ଏମ୍‌ପି ସ୍ୱର୍ଗତ ରୁଦ୍ରମାଧବ ରାୟ ନିଜ ରାଜନୈତିକ ଜୀବନରେ ଉତ୍ତମ ଜନସମ୍ପର୍କ ରଖିପାରିଥିଲେ। ତାଙ୍କ ପୁଅ ସୁଦୀପ୍ତ ବର୍ତ୍ତମାନ ନୟାଗଡ଼ ଜିଲା ନୂଆଁଗା ବ୍ଲକର ୧୬ନଂ. ଜୋନରୁ ଜିଲା ପରିଷଦ ସଭ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ପାଇଁ ତାଙ୍କୁ କନ୍ଧମାଳ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବା ପାଇଁ ବ୍ଲକ ବିଜେଡି ତରଫରୁ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରାଯିବାକୁ ପ୍ରସ୍ତାବ ରଖାଯାଇଛି। ଖବରଦାତା ସମ୍ମିଳନୀରେ ମହେଶ୍ୱର ମହାରଣାଙ୍କ ସମେତ କିଶୋରପ୍ରସାଦ ସରପଞ୍ଚ ପ୍ରଫୁଲ୍ଲ ବେହେରା, ଛାମୁଣ୍ଡିଆ ସରପଞ୍ଚ ମଙ୍ଗୁଳୁ ସାହୁ, ବେଲପଡ଼ା ଓ ରାସଙ୍ଗ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ କୁମାର ମହାଳିକ ଓ ଗୋଲକ ବିହାରୀ ନାୟକ, ଗଣିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ବ୍ରଜମୋହନ ମିଶ୍ର, ଆଡକଟାର ପୂର୍ବତନ ସରପଞ୍ଚ ସୂର୍ଯ୍ୟମଣି ପରିଡା, ସଂସାରି ରାଉତ ପ୍ରମୁଖ ଯୋଗଦେଇଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗଣିଆ ବିଜେଡି କର୍ମୀ।

## ଭିଭିପାଟ୍ ଭୋଟିଂ ସଚେତନତା

**ଟାଙ୍ଗୀ(ଖୋର୍ଦ୍ଧା),୨୧।୧(ଡି.ଏନ.ଏ.)**

ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ ବ୍ଲକର ୨୬ଟି ପଞ୍ଚାୟତରେ ଚଳିତ ସପ୍ତାହରୁ ଭିଭିପ୍ୟାଟ୍ ଭୋଟିଂ ସମ୍ପର୍କରେ ଭୋଟରମାନଙ୍କୁ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଇଭିଏମ୍ ଭୋଟିଂ ପ୍ରକ୍ରିୟାରେ ଭୋଟର କେତେକ ତଥ୍ୟ ପ୍ରାପ୍ତ ହେଉ ନ ଥିବା ବେଳେ ଭିଭିପ୍ୟାଟ୍ ଦ୍ୱାରା ଭୋଟିଂ ଅଧିକ ସ୍ୱଚ୍ଛ ଓ ବିଶ୍ୱାସଯୋଗ୍ୟ ହେବାର ଆଶା ପ୍ରକାଶ ପାଇଛି। ଇଭିଏମ୍ ମେଶିନ୍‌ରେ ପ୍ରାର୍ଥୀ, ପ୍ରାର୍ଥୀଙ୍କର ଚିହ୍ନକୁ ଭୋଟରମାନେ ଭୋଟ ଦେବାବେଳେ ଦେଖିବାର ସୁବିଧା ପାଇପାରିବେ। ବିଭିନ୍ନ ପଞ୍ଚାୟତର ଭୋଟରମାନଙ୍କୁ ଏ ନେଇ ସଚେତନ କରାଯାଉଛି। ବ୍ଲକ ସମ୍ପ୍ରସାରଣ ଅଧିକାରୀମାନେ ଏହି ଯନ୍ତ୍ରକୁ ଗ୍ରାମରେ ପ୍ରଦର୍ଶନ କରାଇ ସଚେତନ କରାଉଥିବା ଦୃଷ୍ଟିଗୋଚର ହେଉଛି । ସୂଚନାଯୋଗ୍ୟ ଦେଶର ୫ଟି ରାଜ୍ୟରେ ନିର୍ବାଚନ ଶେଷ ହୋଇଥିବାବେଳେ ଇଭିଏମ୍ ସହିତ ଏହି ଭିଭିପ୍ୟାଟ୍ ମେଶିନ୍ ବ୍ୟବହାର କରିବା ଦ୍ୱାରା ଭୋଟିଂ ପ୍ରକ୍ରିୟା ଅଧିକ ସ୍ୱଚ୍ଛ ଓ ବିଶ୍ୱାସଯୋଗ୍ୟ ହୋଇଥିବା ଜଣାପଡିଛି।

## ଗଡ଼ିଲା ମିଶନ ଶକ୍ତି ରଥ

**କୃଷ୍ଣପ୍ରସାଦ,୨୧।୧(ଡି.ଏନ.ଏ.)**

ରାଜ୍ୟ ସରକାର ମହିଳାମାନଙ୍କୁ ଅଗ୍ରାଧିକାର ଦେଉଥିବା ସହ ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ଯୋଜନାଗୁଡିକ ସମ୍ବନ୍ଧରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଚେତନତା କରାଇବା ପାଇଁ ପୁରୀ ଜିଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକରେ ମିଶନ ଶକ୍ତି ରଥ ଶୁଭାରମ୍ଭ ହୋଇଛି । ଏହାକୁ ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀ ଉଦ୍‌ଘାଟନ କରିଥିଲେ । ଏହି ରଥ ବ୍ଲକର ୨୧ ପଞ୍ଚାୟତ ପରିକ୍ରମା କରିଥିଲା।

# ଦଶପଲ୍ଲା କପ୍ ଫୁଟବଲ୍, ସଂଘର୍ଷ କ୍ଲବ ଚାମ୍ପିୟନ

**ଦଶପଲ୍ଲା,୨୧।୧ (ଡି.ଏନ.ଏ.)**

ସ୍ପୋର୍ଟିଭ୍ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ଚାଲିଥିବା ୨୦ ତମ ଦଶପଲ୍ଲା କପ୍ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ସଂଘର୍ଷ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର, ଓଡିଶା ପୋଲିସ କଟକକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଖେଳର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଉଭୟ ଦଳ ୧–୧ ଗୋଲରେ ସମାନ ଥିବା ବେଳେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ସଂଘର୍ଷ ସ୍ପୋଟିଙ୍ଗ କ୍ଲବ ୪–୩ ଗୋଲରେ ଓଡିଶା ପୋଲିସକୁ ପରାସ୍ତ କରି ଚାମ୍ପିୟନ୍ ହୋଇଥିଲା। ଚାମ୍ପିୟାନ ଦଳ ସଂଘର୍ଷ କ୍ଲବକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରର୍ନସଅପ ଓଡିଶା ପୋଲିସକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଓଡିଶା ପୋଲିସ କଟକର ଗୋଲ କିପରଙ୍କୁ ମ୍ୟାନ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଗ୍ରାମବାସୀଙ୍କ ରାସ୍ତାରୋକୋ ଭଣ୍ଡୁର



ନୟାଗଡ଼ ଟାଉନ ଥାନା ସମ୍ମୁଖରେ ଏକତ୍ରିତ ଗ୍ରାମବାସୀ।

**ନୟାଗଡ ଅଫିସ,୨୧।୧**

ନୟାଗଡ ମୁଥାଗାଡିଆ ପଞ୍ଚାୟତ କରଡାବଣି ଗ୍ରାମର ସୋମନାଥ ନାୟକ ନାମକ ନାବାଳକଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଥିଲା। ସୋମବାର ରାତିରେ ମୃତଦେହ ବ୍ୟବଚ୍ଛେଦ ହୋଇ ଗ୍ରାମକୁ ଆସିବା ଖବର ପାଇ ଗ୍ରାମବାସୀ ପୋଲିସର ଅବହେଳାରୁ ନାବାଳକଙ୍କ ମୃତ୍ୟୁ ଘଟିବା ଅଭିଯୋଗ କରି ଟାଉନ ଥାନା ସମ୍ମୁଖରେ ଏକାଠି ହୋଇଥିଲେ। ସେଠାରେ ମୃତଦେହ ରଖି ରାସ୍ତାରୋକୋ କରିବେ ବୋଲି ଯୋଜନା ଚଳାଇଥିବାବେଳେ ପୋଲିସ ତାହା ଭଣ୍ଡୁର କରିଛି। ମୃତଦେହ ଆସୁଥିବା ଆମ୍ବୁଲାନ୍ସକୁ କୌଶଳ କରି ପୋଲିସ ଗ୍ରାମରେ ପହଞ୍ଚାଇବା ପରେ ଲୋକେ ଗ୍ରାମକୁ ଫେରିଯାଇଥିବା ଖବର ଲେଖା ହେବାଯାଏଁ ଜଣାପଡିଛି।